ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ



Rs. 7.00

ବର୍ଷ-୧୬, ସଂଖ୍ୟା-୩୪, ଭୁବନେଶ୍ୱର: ସେପ୍ଟେମ୍ବର ୦୧-୦୭, ୨୦୨୫

Vol-16, Issue-34, Bhubaneswar : September 01-07, 2025

RNI NO.ODIODI/2010/33715

## ଦେଶର ସୁରକ୍ଷିତ ସହର ମଧ୍ୟରେ ଭୁବନେଶ୍ୱର

ନୂଆଦିଲ୍ଲୀ : ଜାତୀୟ ମହିଳା କମିଶନ (ଏନ୍‌ଡବ୍ଲ୍ୟୁସି) ଅଧ୍ୟକ୍ଷା ବିଜୟା କିଶୋର ରାହତକର ଜାତୀୟ ବାର୍ଷିକ ରିପୋର୍ଟ ଏବଂ ମହିଳା ସୁରକ୍ଷା ସୂଚକାଙ୍କ (ନାରୀ-୨୦୨୫)ର ଉନ୍ମୋଚନ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ସୁରକ୍ଷିତ ସହର ମଧ୍ୟରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସ୍ଥାନ ପାଇଛି। ଅନ୍ୟପକ୍ଷରେ ଭାରତୀୟ ସହରଗୁଡ଼ିକରେ ବସବାସ କରୁଥିବା ପ୍ରାୟ ୪୦% ମହିଳା ନିଜକୁ 'ଅସୁରକ୍ଷିତ' ମନେ କରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ଏହି ରିପୋର୍ଟ ଦେଶବ୍ୟାପୀ ଏକ ବଡ଼ ଧରଣର ସର୍ଭେ ଉପରେ ଆଧାରିତ। ଦେଶର ପ୍ରାୟ ୩୧ଟି ଭିନ୍ନଭିନ୍ନ ସହରର ୧୨,୭୭୦ ମହିଳାଙ୍କୁ ସର୍ଭେରେ ସାମିଲ କରାଯାଇଥିଲା, ଯାହାକି ମହିଳା ସୁରକ୍ଷାର ଏକ ତଥ୍ୟ-ଆଧାରିତ ମୂଲ୍ୟାଙ୍କନ ପ୍ରଦାନ କରିଥିଲା। ରିପୋର୍ଟରେ କୋହିମା, ବିଶାଖାପାଟନମ୍, ଭୁବନେଶ୍ୱର, ଆଇଜଲ୍, ଗାଙ୍ଗଟକ୍, ଇଟାନଗର ଏବଂ ମୁମ୍ବାଇ ଭଳି ସହରଗୁଡ଼ିକୁ ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସହର ଭାବରେ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷେ ରାଞ୍ଚି, ଶ୍ରୀନଗର, କୋଲକାତା, ଦିଲ୍ଲୀ, ଫରିଦାବାଦ, ପାଟନା ଏବଂ ଜୟପୁର ଭଳି ସହରକୁ ମହିଳାଙ୍କ ପାଇଁ ସବୁଠାରୁ କମ୍ ସୁରକ୍ଷିତ ଭାବେ ସ୍ଥାନିତ କରାଯାଇଛି। ଏତଦ୍‌ବ୍ୟତୀତ ରିପୋର୍ଟ ଏହା ମଧ୍ୟ ଦର୍ଶାଇଛି ଯେ ୨୦୨୪ ବର୍ଷରେ ୭% ମହିଳା ସେମାନଙ୍କ ବିରୋଧରେ ହୋଇଥିବା ନିର୍ଯାତନା ସମ୍ପର୍କିତ ରିପୋର୍ଟ କରିଥିଲେ ଯାହା ଏନ୍‌ସିଆର୍‌ବି-୨୦୨୨ ଅପରାଧିକ ପରିସଂଖ୍ୟାନରେ ରିପୋର୍ଟ କରାଯାଇଥିବା ହାର ତୁଳନାରେ ଯଥେଷ୍ଟ ଅଧିକ। ଖରାପ ଆଲୋକ ଏବଂ ସୀମିତ ସୁରକ୍ଷା ଯୋଗୁଁ ରାତିରେ ମହିଳାଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଥାଏ। ୩୩% ମହିଳା ଘଟଣା ସମ୍ପର୍କରେ ରିପୋର୍ଟ କରନ୍ତି ଏବଂ ୧୬% ମହିଳା କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖନ୍ତି। ସେହିପରି ୫୩% ମହିଳା କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ନିବାରଣ ନିୟମ ସମ୍ପର୍କରେ ମଧ୍ୟ ଜାଣିନାହାନ୍ତି। ଏହି କାରଣରୁ ସେମାନେ ଅଭିଯୋଗ କରିବାକୁ ମଧ୍ୟ ସାହସ କରିନଥାନ୍ତି ବୋଲି ରିପୋର୍ଟ ଦର୍ଶାଇଛି।

## ଜାପାନରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ

# 'ଦ୍ରୁତ ଅର୍ଥନୀତି ଆଡକୁ ଅଗ୍ରସର ହେଉଛି ଭାରତ'

ଟୋକିଓ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଦିନିଆ ଜାପାନ ଗସ୍ତରେ ଯାଇ ସେଠାରେ ପହଞ୍ଚିଛନ୍ତି। ଟୋକିଓଠାରେ ଆୟୋଜିତ ୧୫ତମ ଭାରତ-ଜାପାନ ଅର୍ଥନୀତି ଫୋରମ୍‌କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଭାରତରେ ପୁଞ୍ଜି ନିବେଶ ପାଇଁ ବିଦେଶୀ କମ୍ପାନୀ ଆଗ୍ରହୀ ଅଛନ୍ତି। ବିକଶିତ ଭାରତ ଗଠନ କରିବା ଆମର ସର୍ବୋଚ୍ଚ ଲକ୍ଷ୍ୟ। ଦ୍ରୁତ ଅର୍ଥନୀତି ଆଡକୁ ଭାରତ ଅଗ୍ରସର ହେଉଛି। ବିଗତ ୧୧ ବର୍ଷରେ ଭାରତର ଦ୍ରୁତ ପ୍ରଗତି ଘଟିଛି। ଭାରତରେ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ଆସିଛି। ଅଟୋ ମୋବାଇଲ୍ କ୍ଷେତ୍ରରେ ଆଗକୁ ବଢୁଛି ଭାରତ, ବିଜନେସ୍ ପାଇଁ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ କରିଛି ଭାରତ। ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭାରତରେ ପୁଞ୍ଜି ନିବେଶ କଲେ ଭଲ ରିଟର୍ଣ୍ଣ ରହିଛି। ଭାରତ-ଜାପାନ ପାର୍ଟନରସିପ୍‌ର ଅନେକ ସମ୍ଭାବନା ରହିଛି। ଏହିଠାରୁ ମୋଦୀ କହିଛନ୍ତି ଯେ ଭାରତ ଓ ଚୀନ୍ ବିଶ୍ୱ ଅର୍ଥନୈତିକ ସ୍ଥିରତା ଆଣିପାରିବେ।



ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଛନ୍ତି ଭାରତର ବିକାଶ ଯାତ୍ରାରେ ଜାପାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ମୋଦୀ ଅଭିହିତ କରିଛନ୍ତି। ମୋଦୀଙ୍କ କହିବାନୁସାରେ ମେଟ୍ରୋରୁ ସେମିକଣ୍ଡକ୍ଟର ଏବଂ ବୁଲେଟ ଟ୍ରେନ ପର୍ଯ୍ୟନ୍ତ ଆମର ସହଭାଗୀତା ବିଶ୍ୱାସ ପ୍ରତୀକ। ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ଜାପାନ କମ୍ପାନୀଗୁଡିକ ଏପର୍ଯ୍ୟନ୍ତ ୪୦ବିଲିଅନ ଡଲାରରୁ ଅଧିକ ନିବେଶ କରିଛନ୍ତି। ଜାପାନ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ର ହୋଇଥିଲେ ମଧ ଭାରତ ପ୍ରତିଭାର ଏକ ଶକ୍ତିଶାଳୀ କେନ୍ଦ୍ର। ଏହି ଅବସରରେ ଭାରତ ଏବଂ ଜାପାନ୍ ସୁରକ୍ଷା ସହଭାଗିତା ସମ୍ପର୍କୀତ ଯୁଗ୍ମଘୋଷଣାନାମା ଜାରି କରାଯାଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଟୋକିଓରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ମୋଦୀ ମୋଦୀ ନାରା ଲଗାଇଥିଲେ। ସେଠାକାର ଲୋକମାନେ ଗାୟତ୍ରୀ ମନ୍ତ୍ର ଜପ କରି ମୋଦୀଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ତାଙ୍କର ଜାପାନ ଗସ୍ତ ସମୟରେ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚିତ ଏକ ପାରମ୍ପରିକ ଦାରୁମା ଡଲ୍ ଉପହାରସ୍ୱରୂପ ପ୍ରଦାନ କରାଯାଇଛି। ତାକାସାକି-ଗୁନ୍‌ମା ଠାରେ ଥିବା ଶୋରିଞ୍ଜାନ ଦାରୁମା-ଜି ମନ୍ଦିରର ମୁଖ୍ୟ ପୂଜକ ରେଭ୍ ସେଇସି ହିରୋସେ ମୋଦୀଙ୍କୁ ଏହି ଉପହାର ଭେଟିଦେଇଛନ୍ତି।

# 'ଆଦିବାସୀଙ୍କୁ ଅଧିକାର ମିଳିବା ଜରୁରୀ'

**ଭୁବନେଶ୍ୱର:** ଦେଶକୁ ଆଗକୁ ନେବାକୁ ହେଲେ ସବୁ ବର୍ଗର ଲୋକଙ୍କୁ ସାଥୀରେ ନେଇ ଚାଲିବା ଜରୁରୀ। ସମସ୍ତଙ୍କୁ ନ୍ୟାୟ, ସମସ୍ତଙ୍କୁ ସେମାନଙ୍କ ଅଧିକାର ଦେବାକୁ ହେବ। କେଉଁ ଯୋଜନା କଲେ ଦଳିତ ଆଦିବାସୀ ଉପକୃତ ହେବେ ସେନେଇ ଚିନ୍ତା କରିବା ଜରୁରୀ। ଆବଶ୍ୟକତା ଅନୁସାରେ ସେମାନଙ୍କୁ ଅଧିକାର ଦେବାକୁ ପଡ଼ିବ। ଏପରି ହେଲେ ଦେଶ ଆଗକୁ ବଢ଼ିବ। ଦେଶର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ମାଟିରୁ ଆସିଛନ୍ତି। ଦେଶର ଲୋକତନ୍ତ୍ର, ଗଣତନ୍ତ୍ରର ଶକ୍ତି ପୂରା ବିଶ୍ୱକୁ ଅବଗତ କରାଉଛନ୍ତି। ଏସ୍‌ସି ଓ ଏସ୍‌ଟି ବଜେଟି ଆବଣ୍ଟନର ସମୀକ୍ଷା ହେବା ସହ ରୋଜଗାର ଆର୍ଥିକ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଗଣଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ଓମ୍ ବିର୍ଲା ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି। ତେବେ ଭୁବନେଶ୍ୱରରେ ଅନୁଷ୍ଠିତ କମିଟି ଯାହା ପ୍ରସ୍ତାବ ଦେବ, ତାହାକୁ କାର୍ଯ୍ୟକାରୀ କରାଯିବ। ଏହାଫଳରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିବ। ଏହାଦ୍ୱାରା ବିକଶିତ ଭାରତ ଗଠନର ଲକ୍ଷ୍ୟ ମଧ୍ୟ ସଫଳ ହେବ। ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଆଜିର ଏହି କମିଟିର ଆଲୋଚନା ଓ ଅନୁଶୀଳନରୁ ଯେଉଁ ଯେଉଁ ନୂଆ ଚିନ୍ତାଧାରାର ପରିପ୍ରକାଶ ହେବ, ତାକୁ ଗ୍ରହଣ କରି ତଥା ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସେସ୍‌କୁ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକାରୀ କରାଯାଇ, ଏହି ବର୍ଗର ଲୋକଙ୍କ ପାଇଁ ଏକ ସମତା ଭିତ୍ତିକ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇ ପାରିବ ବୋଲି ଶ୍ରୀ ବିର୍ଲା କହିଛନ୍ତି। ଏହି ଅବସରରେ ଲୋକସଭା ବାଚସ୍ପତି କନ୍‌ଭେନ୍‌ସନ୍ ହଲ୍ ମଧ୍ୟରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ।

## ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନ ହେବ ସଶକ୍ତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନ ହେବ ସଶକ୍ତ। ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ସ୍ଥାନିତ ହେବ ଓଡ଼ିଶା। ଏହା ଆମ ସରକାରଙ୍କ ପ୍ରଥମ ଓ ଏକମାତ୍ର ଲକ୍ଷ୍ୟ। ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଉପରେ ଏକ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ, ଆଗାମୀ ମାସରେ ହେବାକୁ ଥିବା ଜିଏସଟି ସଂସ୍କାର, ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ। କାରଣ ଜିଏସ୍‌ଟି ଦର କମ ହେଲେ ଦେଶରେ ଖର୍ଚ୍ଚ ବୃଦ୍ଧି ହେବ। ଫଳରେ ଅଧିକ ମାନୁଫାକ୍‌ଚରିଂ ହେବ, ଅଧିକ ରୋଜଗାର ବଢ଼ିବ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଏମ୍‌ଏସ୍‌ଏମ୍‌ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶାରେ ବିକଶିତ ଓଡିଶା ଗଠନ ପାଇଁ ସମୟ ଧାର୍ଯ୍ୟ ହୋଇସାରିଛି। ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି। ଆମେ ଚିନ୍ତା କରିବା ସ୍ୱପ୍ନ ଦେଖିଲେ ହେବ ନାହିଁ କଠିନ ପରିଶ୍ରମ ଦରକାର। ଆମ ପାଖରେ ପ୍ରଚୁର ସମ୍ପଦ ରହିଛି। ଆମ ପାଖରେ ଯୁବଶକ୍ତି ଅଛି। ଆମେ ସେମାନଙ୍କୁ ଉପଯୋଗୀ କରି ଆଗକୁ ଯିବା ଦରକାର। ତେବେ ଯାଇ ବିକଶିତ ଓଡିଶା ସ୍ୱପ୍ନ ପୁରଣ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଆଇସିସି ଡିଜି ଡ.ରାଜୀବ ସିଂ ଯୋଗଦେଇଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ ପ୍ରମୁଖ ଯୋଗଦେଇଥିଲେ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଜିରୋ ଉପତ୍ୟକା
- ବିରଳ ସାର୍କ
- ହିଂସ୍ର କୁକୁର
- ଦାମୀ ଗାଉନ୍

# ନ୍ୟାୟ ପାଇଁ ସଂଗ୍ରାମ

ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଆଇନ, ନୀତି ଓ ଏହାସହ ଜଡ଼ିତ ସଂସ୍ଥାଗୁଡ଼ିକ ଗମ୍ଭୀର ଅପରାଧରେ ଲିପ୍ତ ଅପରାଧୀମାନଙ୍କୁ ଉତ୍ତରଦାୟୀ କରିବାରେ ନିଆଯାଉଥିବା ପଦକ୍ଷେପ ସବୁକୁ ମାର୍ଗଦର୍ଶନ କରିଆସିଛି। ବିଶ୍ୱ ମୁଖ୍ୟତଃ ଗଣତନ୍ତ୍ର ଓ ମାନବ ଅଧିକାରକୁ ଅଧିକ ସମ୍ମାନ ଦେବା ଲାଗି ଆଗଉଥିବା ଅବଧାରଣାକୁ ଆଧାର କରି ଅନ୍ତର୍ଜାତୀୟ ନ୍ୟାୟିକ ଢାଞ୍ଚା ଗଠନ କରାଯାଇଥିଲା। ଏହା ନିଶ୍ଚିତ ଯେ, ନ୍ୟାୟିକ ଅଗ୍ରଗତି ସରଳ ନ ଥିଲା। ଏଥିରେ ସବୁଦିଗରେ ପ୍ରତିକୂଳ ସ୍ଥିତି ସବୁ ରହିଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଜାପାନର ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ନୁରେମ୍ବର୍ଗ ଓ ଟୋକିଓ ଯୁଦ୍ଧ ଅପରାଧ ନ୍ୟାୟିକ ବିଚାରଠାରୁ ଆରମ୍ଭକରି ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ଗଠନ କରିଥିବା ରୋମ ନିୟମାବଳୀର ସ୍ୱୀକୃତି ପର୍ଯ୍ୟନ୍ତ; ସାଧାରଣ ପ୍ରକ୍ରିୟା ଉତ୍ତରଦାୟିତ୍ୱ ଦିଗରେ ହିଁ ଗତିକରୁଥିଲା। ବିଶ୍ୱରେ କେତେକ ପୁରାତନ ଓ ସବୁଠୁ ଶକ୍ତିଶାଳୀ ଗଣତାନ୍ତ୍ରିକ ଦେଶ ସେମାନଙ୍କର ତ୍ରୁଟି ଓ ଅପରାଧ ଥିବା ସତ୍ତ୍ୱେ ଯୁଗୋସ୍ଲାଭିଆ, ର୍ୱାଣ୍ଡା ଏବଂ ସିଏରା ଲିଓନ୍‌ରେ ନ୍ୟାୟ ପାଇଁ ନେତୃତ୍ୱ ନେବାର ପ୍ରୟାସରେ ସାହାଯ୍ୟ କରିଥିଲେ। ହେଲେ ଏବେ ଏହି ଧାରା ପୂରା ବିପରୀତ ହୋଇଯାଇଛି। ମାନବ ଅଧିକାରକୁ ଆଡ଼ ଆଖିରେ ଦେଖୁଥିବା ଏକଛତ୍ରବାଦୀ ନେତାମାନେ ଆମେରିକା ସମେତ ଅନେକ ଗଣତାନ୍ତ୍ରିକ ଦେଶରେ କ୍ଷମତାକୁ ଆସିଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ୨୦୧୬ରେ ପ୍ରଥମେ ରାଷ୍ଟ୍ରପତି ହେବା ପରେ ୨୦୨୪ରେ ପୁନର୍ବାର ନିର୍ବାଚିତ ହେବା ପ୍ରକୃତରେ ଚିନ୍ତାଜନକ। ଦ୍ୱିତୀୟ ପାଳିରେ ଟ୍ରମ୍ପ୍‌ଙ୍କ ପ୍ରଶାସନରେ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଆମେରିକାର ନେତୃତ୍ୱ ଜରୁରୀ, କିନ୍ତୁ ଏଥିରେ ଅସଙ୍ଗତି ଦେଖାଯାଇଛି। ଆମେରିକା ତା' ଦାୟିତ୍ୱରୁ ଦୂରେଇଯାଇ ଆଇସିସିର ପ୍ରୋସେକ୍ୟୁଟର, ୨ଜଣ ଡେପୁଟି ପ୍ରୋସେକ୍ୟୁଟର ଏବଂ ୬ ଜଣ ବିଚାରପତିଙ୍କ ଉପରେ କଟକଣା ଲଗାଇଛି।

କୌଣସି ପ୍ରକାର ଉତ୍ତରଦାୟିତ୍ୱକୁ ଭୟ କରୁଥିବା ଏକଛତ୍ରବାଦୀ ଶକ୍ତିର ଚାପରେ ରହିବାରେ ଆମେରିକା କେବଳ ଏକମାତ୍ର ଗଣତନ୍ତ୍ର ନୁହେଁ। ପ୍ରକାଶିତ ଖବରଗୁଡ଼ିକ ଅନୁଯାୟୀ, ଏବେ ଗାଜାରେ ଲାଗି ରହିଥିବା ଯୁଦ୍ଧ ପୂର୍ବରୁ ଇସ୍ରାଏଲର ମୋସାଦ ଇଣ୍ଟେଲିଜେନ୍ସ ଏଜେନ୍ସିର ପୂର୍ବତନ ନିର୍ଦ୍ଦେଶକ ଆଇସିସିର ସେତେବେଳର ପ୍ରୋସେକ୍ୟୁଟର ଫାତୌ ବେନ୍‌ସୌଦାଙ୍କୁ ଧମକ ଦେଇଥିବା ଅଭିଯୋଗ ଆସିଥିଲା। ପାଲେଷ୍ଟାଇନ୍‌ରେ ମାନବତା ବିରୋଧୀ ଅପରାଧ ଓ ଯୁଦ୍ଧ ଅପରାଧ ଅଭିଯୋଗ ଉପରେ ତଦନ୍ତରେ ବାଧା ସୃଷ୍ଟି କରିବାରେ କ୍ଷମତାର ଚାପରେ ଚାଲିଥିବା ଏକ ଦୀର୍ଘ ବର୍ଷର ଅଭିଯାନ ଯୋଗୁ ଏଭଳି ଘଟିଥିଲା। ୨୦୧୯ରେ ଫିଲିପାଇନ୍ସର ସେତେବେଳର ରାଷ୍ଟ୍ରପତି ରୋଡ୍ରିଗୋ ଡୁଟର୍ଟେଙ୍କ ଡ୍ରଗ୍ସ ବିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ଆଇସିସି ତଦନ୍ତ କରିବା ପରେ ଫିଲିପାଇନ୍ସ ଆଇସିସିରୁ ଓହରିଯାଇଥିଲା। ଏହା ସହ ଚଳିତ ବର୍ଷ ପ୍ରାରମ୍ଭରେ, ଆଇସିସିର ଏକ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବା ପାଇଁ ମନା କରିଦେବା ପରେ ହଙ୍ଗେରୀ ମଧ୍ୟ ଆଇସିସିରୁ ଦୂରେଇଯିବା ଲାଗି ଘୋଷଣା କରିଥିଲା।

ଅବଶ୍ୟ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା କେବଳ ଗଣତନ୍ତ୍ରଗୁଡ଼ିକ ପାଇଁ ଚିନ୍ତାର କାରଣ ନୁହେଁ। ମିତ୍ରଶକ୍ତିର ନେତାମାନଙ୍କ ମଧ୍ୟରେ ଅନ୍ୟତମ ଜୋଶେଫ ଷ୍ଟାଲିନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଣ୍ଟରନ୍ୟାଶନାଲ ମିଲିଟାରି ଟ୍ରିବ୍ୟୁନାଲ୍ ବା ଅନ୍ତର୍ଜାତୀୟ ସାମରିକ ପ୍ରାଧିକରଣ ଗଠନ କରିବାକୁ ରାଜି ହୋଇଥିଲେ, ଯାହା ନୁରେମ୍ବର୍ଗ ବୈଠକରେ ଉପସ୍ଥାପନ କରାଯାଇଥିଲା। ନୁରେମ୍ବର୍ଗରେ ଆମେରିକାର ମୁଖ୍ୟ ପ୍ରୋସେକ୍ୟୁଟର ଭାବେ କାର୍ଯ୍ୟ କରିଥିବା ତଥା ଆମେରିକା ସୁପ୍ରିମକୋର୍ଟ ବିଚାରପତି ରବର୍ଟ ଜାକ୍‌ସନ ତାଙ୍କ ପ୍ରାରମ୍ଭିକ ବିବୃତ୍ତିରେ କହିଥିଲେ, ଅଧିକ ଶାନ୍ତି ବଜାୟ ରଖିବା ପାଇଁ ନିଆଯାଉଥିବା ବୃହତ୍ ପଦକ୍ଷେପର ଏକ ଅଂଶ ହେଉଛି ନ୍ୟାୟିକ ବିଚାର। ରୋମ ନିୟମାବଳୀରେ ସ୍ୱାକ୍ଷର କରିଥିବା ସରକାରଗୁଡ଼ିକ ସମାନ ଭାବେ ସ୍ୱୀକାର କରନ୍ତି ଯେ ଗମ୍ଭୀର ଅପରାଧଗୁଡ଼ିକ ଶାନ୍ତି, ସୁରକ୍ଷା ଓ ବିଶ୍ୱର ମଙ୍ଗଳ ପ୍ରତି ବିପଦ।

ଏପରିକି ବିଶ୍ୱ ଏବେ ଏକଛତ୍ରବାଦ ଆଡ଼କୁ ମୁହାଁଉଥିବା ସମୟରେ ପୃଥିବୀରେ ଗଣହତ୍ୟାର ଶିକାର ହେଉଥିବା ଲୋକଙ୍କ ସହ ଯୁଦ୍ଧ ଅପରାଧ, ମାନବତା ବିରୋଧୀ ଅପରାଧ ଏବଂ ଆକ୍ରମଣ ଆଦି କ୍ଷେତ୍ରରେ ନ୍ୟାୟ ଦେବା ଲାଗି ଚେଷ୍ଟା କରୁଥିବା ସ୍ୱାଧୀନ ବିଚାରପତି ଓ ଆଇନଜୀବୀଙ୍କ ପାଇଁ ପୃଥିବୀ ଏକ ଅସୁରକ୍ଷିତ ତଥା ଅଶାନ୍ତ ସ୍ଥାନ ହୋଇଯାଇଛି। ସେମାନଙ୍କ ଦାୟିତ୍ୱକୁ ସଙ୍କୁଚିତ କରୁଛି। ପାରମ୍ପରିକ ସୀମା ଟପି ଯେତେବେଳେ ଦେଶର ନିର୍ବାଚିତ ମୁଖ୍ୟମାନେ ସେମାନଙ୍କ କ୍ଷମତା ବିସ୍ତାର କରିବାକୁ ଚାହୁଁଛନ୍ତି ସରକାର ଯେତେବେଳେ ବାର୍ ଆସୋସିଏଶନ୍‌ର ନେତୃତ୍ୱକୁ ତଡ଼ିଦେଉଛନ୍ତି କିମ୍ବା ସେମାନଙ୍କ ବିରୋଧରେ ଆପରାଧିକ ଅଭିଯୋଗ ଆଣୁଛନ୍ତି ଏବଂ କାର୍ଯ୍ୟପାଳିକାରେ ବିଫଳତା ଉପରେ ଏକ ମଜଭୁତ ପାଚେରି ଭାବେ ଠିଆହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଶର ନ୍ୟାୟାଳୟଗୁଡ଼ିକରେ ଚେଷ୍ଟା କରୁଥିବା ବିଚାରପତିମାନଙ୍କୁ ଧମକ ଦିଆଯାଉଛି; ସେତେବେଳେ ଆଇନର ଶାସନ ପ୍ରଭାବିତ ହେଉଛି। ଏହା ସମସ୍ତଙ୍କ ପ୍ରତି କ୍ଷତିକାରକ।

ତେବେ ପ୍ରଶ୍ନ ଉଠୁଛି, ଗମ୍ଭୀର ଅପରାଧରେ ଜଡ଼ିତ ଅପରାଧୀମାନଙ୍କୁ ଦାୟୀ କରାଯିବାର କାର୍ଯ୍ୟ କଠିନ ପରିସ୍ଥିତି ମଧ୍ୟରେ ଜାରି ରହିବ ନା ଲୋପ ପାଇଯିବ। ତେବେ ଅନେକ ଆହ୍ୱାନ ଓ ଅସନ୍ତୋଷ ମଧ୍ୟରେ ବିରୋଧ ଓ ସାହସର ଅନେକ ଅଭିବ୍ୟକ୍ତିରେ କିଛି ଆଶା ଥିବା ଲକ୍ଷ୍ୟ କରାଯାଉଛି। ଏହା ସହ ଆଇନ ଉପରେ ରହିଥିବା ବିଶ୍ୱାସ କ୍ଷମତାର ଅହଂକାର ବିରୋଧରେ ପ୍ରତିବାଦ କରିବା ପାଇଁ ଏକ ସାଧନ ଭାବେ ଉଭା ହୋଇଥିବା ଜଣାପଡୁଛି। ଏଭଳି ପ୍ରଗତି ସବୁଠି ଦେଖାଯାଇଛି ଓ ଆଇନର ଶାସନକୁ ଆଗକୁ ନେଇଛି। ଫଳରେ ଏକ ଆଇନ-ଶାସନ ସଂସ୍କୃତି ସମ୍ଭବ ହୋଇପାରିଛି। ବର୍ଷେ କି ୨ ବର୍ଷ ତଳେ ସେନେଗାଲ, ଭାରତ, ବ୍ରାଜିଲ ଏବଂ ଅନ୍ୟ ଦେଶଗୁଡ଼ିକରେ ଗଣତାନ୍ତ୍ରିକ ନିର୍ବାଚନଗୁଡ଼ିକରେ ସ୍ୱଚ୍ଛତା ଆଣିଥିବା ବିଚାରପତିମାନଙ୍କୁ ଦେଖନ୍ତୁ। ବହୁ ସମୟରେ ସେମାନେ ବଡ଼ ବିପଦରେ ରହି କାମ କରିଛନ୍ତି। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ମନ୍ତବ୍ୟ ଓ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ଆଇନ ସଂସ୍ଥାଗୁଡ଼ିକୁ ଦଣ୍ଡିତ କରିବା ସକାଶେ ନିଆଯାଇଥିବା ବେଆଇନ ପଦକ୍ଷେପକୁ ଆମେରିକାର କୋର୍ଟଗୁଡ଼ିକ ରଦ୍ଦ କରିଦେଇଥିବା ଘଟଣା ସମ୍ପର୍କରେ ବି ବିଚାର କରନ୍ତୁ।

ବିଶ୍ୱସ୍ତରରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ ବା ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ମ୍ୟାନ୍‌ମାର, ସିରିଆ ଓ ଗାଜାରେ ଘଟୁଥିବା ଗମ୍ଭୀର ଅପରାଧଗୁଡ଼ିକୁ ସାମ୍ନାକୁ ଆଣିବାରେ ସାହସର ସହ ପ୍ରମୁଖ ଭୂମିକା ନେଇଛି। ଗତ ବର୍ଷ ଆଇସିଜେ, ଇଣ୍ଟରନ୍ୟାଶନାଲ ଟ୍ରିବ୍ୟୁନାଲ ଫର୍ ଦି ଲ ଅଫ୍ ଦି ସି ଏବଂ ଇଣ୍ଟର ଆମେରିକାନ କୋର୍ଟ ଅଫ୍ ହ୍ୟୁମାନ୍ ରାଇଟ୍ସର ରାୟ ସ୍ପଷ୍ଟ କରିଛନ୍ତି ଯେ ଜଳାବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦେଶଗୁଡ଼ିକର ଏକ ନ୍ୟାୟିକ ଦାୟିତ୍ୱ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରରେ ନ୍ୟାୟ ପାଇଁ ଏବଂ ଗଣତନ୍ତ୍ର ସକାଶେ ଏବେ ଚାଲିଥିବା ସଂଗ୍ରାମ ଯଦିଓ ସମାନ ନୁହେଁ, ତଥାପି ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଛି। ଉଭୟ ଲଢ଼େଇରେ କେବଳ ଆଶା ପ୍ରକାଶ କରିବା ଯଥେଷ୍ଟ ନୁହେଁ। ବରଂ ଗମ୍ଭୀର ଅପରାଧର ଶିକାର ହୋଇଥିବା ଲୋକମାନଙ୍କ ପାଇଁ ଏବଂ ଅପରାଧ ବିରୋଧରେ ସ୍ୱର ଉଠାଇବାକୁ ଯେଉଁମାନେ ଚିନ୍ତା କରୁଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଦରକାର। ବ୍ୟାପକ ଭୟର ଏକ ବାତାବରଣରେ ଏକ ଚିଠିରେ ସ୍ୱାକ୍ଷର କରିବା, ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଯୋଗଦେବା କିମ୍ବା ଏକଛତ୍ରବାଦ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ନ୍ୟାୟିକ ଅଭିଯୋଗ ଦାଖଲ କରିବାର ପ୍ରତ୍ୟେକଟି ନିଷ୍ପତ୍ତି ହେଉଛି ନ୍ୟାୟ ପାଇଁ ଏକ ପଦକ୍ଷେପ।

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ପ୍ରଭାବ

ଓଡ଼ିଶାରେ ଯେତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି ତାହା ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନୁହେଁ। ଏଣୁ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲାଯାଉଛି ଏବଂ ସେହିସବୁ ଅନୁଷ୍ଠାନରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପଢୁଛନ୍ତି। ଏଣୁ ରାଜ୍ୟରେ ଶିକ୍ଷାର ପ୍ରସାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଦୃଢ଼ କରିବାକୁ ପଡ଼ିବ। ମାତ୍ର ଏହି ଅନୁଷ୍ଠାନଗୁଡ଼ିକରେ ଯେଉଁମାନେ ଅଧ୍ୟାପନା କରନ୍ତି ସେମାନେ ସ୍ୱଳ୍ପ ଦରମା ପାଆନ୍ତି। ଅନୁଷ୍ଠାନଗୁଡ଼ିକ ବହୁବର୍ଷ ପରେ ଅନୁଦାନ ପାଏ ଓ ଅଧ୍ୟାପକ / ଶିକ୍ଷକମାନେ ସରକାରଙ୍କଠାରୁ ପ୍ରତ୍ୟକ୍ଷ ଦରମା ପାଆନ୍ତି। ମାତ୍ର ସେମାନଙ୍କ ଚାକିରି ସର୍ତ୍ତାବଳୀ ନ ଥାଏ। ୩୦ ବର୍ଷରୁ ଅଧିକ ବର୍ଷ ଚାକିରି କଲା ପରେ ମଧ୍ୟ ସେମାନଙ୍କ ପାଇଁ ଗ୍ରାଚୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ନ ଥାଏ। ସେମାନେ ଆର୍ଥିକ ଅନଟନ ଭିତରେ ଚଳନ୍ତି। ଏଣୁ ଯେଉଁମାନେ ପ୍ରତିଭାଶାଳୀ ସେମାନେ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ପାଇଁ ଆସନ୍ତି ନାହିଁ। କେହି କେହି ବିଭିନ୍ନ ବ୍ୟବସାୟ କରି ସନ୍ତୋଷଜନକ ଅର୍ଥ ରୋଜଗାର କରନ୍ତି। ଦ୍ୱିତୀୟତଃ କିଛି ବ୍ୟକ୍ତି ଏହିସବୁ ଅନୁଷ୍ଠାନରେ ଯୋଗ ଦିଅନ୍ତି, ମାତ୍ର ସ୍ୱଳ୍ପ ଦରମାଯୁକ୍ତ ଗ୍ରାଚ୍ୟୁଇଟି ପେନ୍‌ସନ୍‌ବିହୀନ ଚାକିରି କରି ପରିବାର ପୋଷଣ ସମ୍ଭବ ହେଉ ନ ଥିବାରୁ ଘରୋଇ ଟିଉସନ୍ କରି କିଛି ଉପାର୍ଜନ କରନ୍ତି। ଟିଉସନ୍ ସେମାନଙ୍କ ପାଇଁ ଆବଶ୍ୟକତା ହୋଇଯାଏ। ଏହା ଦ୍ୱାରା ଶିକ୍ଷା ଏକ ପଣ୍ୟଦ୍ରବ୍ୟ ହୋଇଯାଏ। ଫଳରେ ଶିକ୍ଷକଙ୍କ ପ୍ରତି ଛାତ୍ରଛାତ୍ରୀଙ୍କର ଆନ୍ତରିକ ଭକ୍ତି ଓ ସମ୍ମାନ ରହେନାହିଁ। ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନେ ଶିକ୍ଷା ସମାପ୍ତ କଲା ପରେ ଯଦି ଶିକ୍ଷକ / ଅଧ୍ୟାପକ ନ ହେବେ, ଉନ୍ନତମାନର ଶିକ୍ଷା ସମ୍ଭବ ହେବ କିପରି ? ଆମ ରାଜ୍ୟରେ ଆଜି ତାହା ହିଁ ଘଟୁଛି। ପ୍ରତିଭାବାନ୍ ଛାତ୍ରଛାତ୍ରୀ ଶିକ୍ଷକତା କ୍ଷେତ୍ରକୁ ଆସୁନାହାନ୍ତି।

ଏହି ପ୍ରସଙ୍ଗରେ ପାରସ୍ୟର ଏକ କାହାଣୀ ପ୍ରଣିଧାନ ଯୋଗ୍ୟ ମନେହୁଏ। ଜଣେ ଗାଉଁଲି ବେପାରୀ ତା' ଗଧ ଉପରେ କିଛି ବୋଝ ଲଦି ହାଟ ଉଦ୍ଦେଶ୍ୟରେ ପଥ ଅତିକ୍ରମ କରୁଥାଏ। ଦୈବାତ୍ ଜଣେ ପଥିକ ତାଙ୍କ ସାଥୀ ହେଲେ। ପଥ ଅତିକ୍ରମ କରୁ କରୁ ସେ ପଥିକ ଜଣକ କଥା ପ୍ରସଙ୍ଗରେ ବେପାରୀକୁ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଧର୍ମ ଆଦି ବିବିଧ ବିଷୟରେ କିଛି କିଛି କହୁଥାଏ। କଥାବାର୍ତ୍ତାରୁ ବେପାରୀ ଅନୁଭବ କଲା ପଥିକ ଜଣକ ଅସାଧାରଣ ଜ୍ଞାନୀ। ଗଧଟି କ୍ଳାନ୍ତ ହୋଇଯାଇଥିବାର ଅନୁଭବ କରି ପଥିକଜଣକ ବେପାରୀକୁ ପଚାରିଲେ, "ତୁମେ ଗଧ ପିଠିରେ କ'ଣ ଲଦିଛ ଯେ ଗଧଟି ହାଲିଆ ହୋଇଗଲାଣି ?" ବେପାରୀ ଉତ୍ତର ଦେଲା, "ପିଠିର ବାମପାଖରେ ଚାଉଳ ଓ ଡାହାଣ ପାଖରେ ଓଜନ ଭାରସାମ୍ୟ ରକ୍ଷା କରିବା ପାଇଁ ବାଲି ରଖିଛି।" ପଥିକ କହିଲେ, "ତୁମେ ସେହି ଚାଉଳକୁ ସମାନ ଦୁଇଭାଗ କରି ଦୁଇପାଖରେ ରଖିଥିଲେ ତ ଭାରସାମ୍ୟ ରକ୍ଷା ହୋଇପାରିଥାନ୍ତା ଓ ଗଧ ପିଠିରେ ଓଜନ ବି କମିଥାନ୍ତା। ଗଧଟି ହାଲିଆ ହୁଅନ୍ତା ନାହିଁ।" ବେପାରୀ ମନକୁ କଥାଟା ଛୁଇଁଲା। ସେ କହିଲା, "ମହାଶୟ ! ଆପଣ ପ୍ରକୃତରେ ଅସାଧାରଣ ଜ୍ଞାନୀ। ଆପଣ ନିଶ୍ଚୟ ଜଣେ ସଫଳ ମଣିଷ ହୋଇଥିବେ। ଆପଣଙ୍କର କେତେ ଗଧ ଅଛନ୍ତି, କେତେ ଜମିଜମା ଅଛି ?" ପଥିକ ଉତ୍ତର ଦେଲେ, "ମୋର ଗଧ ନାହିଁ କି ଜମି ନାହିଁ। କୋଠା ନାହିଁ କି ସଞ୍ଚୟ ନାହିଁ। ମୁଁ ଏମିତି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁ ବୁଲେ। ମୋର ଅର୍ଜିତ ଜ୍ଞାନକୁ ବିତରଣ କରେ। ଯାହା ମିଳେ ଖାଏ। ବେଳେବେଳେ ଖାଇବାକୁ ମିଳେନାହିଁ। ତଥାପି ମୋଟ ଉପରେ ମୁଁ ଖୁସିରେ ଅଛି।" ବେପାରୀ ଏତକ ଶୁଣି ଅଟକିଗଲା ଓ ଚକିତ ହୋଇ ଛିଡ଼ାହେଲା। ପଥିକ ପଚାରିଲେ, "କ'ଣ ହେଲା ?" ବେପାରୀ ଉତ୍ତର ଦେଲା, "ଆଜ୍ଞା ଜ୍ଞାନର ଫଳ ଯଦି ଏହା ହୁଏ, ମୁଠେ ଖାଇବାକୁ ମିଳେ ନାହିଁ, କୋଠାଟିଏ କରିହୁଏ ନାହିଁ, ମୁଁ ବରଂ ଗଧ ପିଠିରେ ବାଲିବସ୍ତା ଥୋଇ ଭାରସାମ୍ୟ ରକ୍ଷା କରିବି, ତୁମ ସାଙ୍ଗରେ ବାଟ ଚାଲି ଜ୍ଞାନ ସଂଗ୍ରହ କରି ଭୋକିଲା ରହିବି ନାହିଁ।" ବେପାରୀ ବାଟ ଭାଙ୍ଗି ଚାଲିଗଲା। ଆଜି ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କ ଅବସ୍ଥା ଠିକ୍ ଏହି ବେପାରୀ ଭଳି। ଯଦି କଠିନ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖି ଅଧ୍ୟାପକ ହୋଇ ମଧ୍ୟ ପୂର୍ଣ୍ଣ ଦରମା ନ ପାଇ ପେନ୍‌ସନ୍ ନ ପାଇ ସର୍ତ୍ତାବଳୀ ନ ଥାଇ ଦୟନୀୟ ଚାକିରି କରିବାକୁ ପଡ଼େ, ମୁଁ ଅନ୍ୟ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ ନ କରିବି କାହିଁକି ? ଏହିଭଳି ଚିନ୍ତାକରି ଆଜି ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଆସୁନାହାନ୍ତି।

ବୋଧହୁଏ ୧୯୯୮ ମସିହାର କଥା। ଦିଲ୍ଲୀରେ ଜାତୀୟ ୟୁନେସ୍କୋ କମିଶନ୍ ଦ୍ୱାରା ଆୟୋଜିତ ଏକ ସଭାରେ "ଶିକ୍ଷା ଓ ମାନବଜାତିର ଭବିଷ୍ୟତ" ଉପରେ ଏକ ବକ୍ତୃତା ଦେଇ ବିଶିଷ୍ଟ ଲେଖକ ମନୋଜ ଦାସ ଫେରୁଥାନ୍ତି। ଜଣେ ସର୍ବୋଦୟ କର୍ମୀ ବୟୋବୃଦ୍ଧ ସହ ତାଙ୍କର ସାକ୍ଷାତ୍ ହେଲା। କଥାପ୍ରସଙ୍ଗରେ ସେହି ବୃଦ୍ଧ ମନୋଜ ଦାସଙ୍କୁ କହିଥିଲେ ଘରୋଇ ଟିଉସନ୍‌ର ପ୍ରଭାବ ସମ୍ପର୍କରେ। ଘଟଣାଟି ଥିଲା ନିଜ ହାକିମ ନାତିଙ୍କ ଜୀବନକୁ ନେଇ। ଦିନେ ଜଣେ ଭଦ୍ରଲୋକ ଏକ ଆବେଦନ ପତ୍ର ଧରି ହାକିମଙ୍କ ପାଖରେ ପହଞ୍ଚିଲେ। ହାକିମ ତାକୁ ଟିକେ ଚାହିଁଦେଇ ପୂର୍ବରୁ ଆସିଥିବା ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ରହିଲେ। ଆଗନ୍ତୁକ ଧୈର୍ଯ୍ୟହରା ହୋଇ ହାକିମଙ୍କୁ କହିଲେ, "ଆପଣ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି ?" ହାକିମ କହିଲେ, "ଚିହ୍ନିଲି। ମାତ୍ର ସେମାନେ ପୂର୍ବରୁ ମୋ ସମୟ ନେଇ ଆସିଥିବାରୁ ତାଙ୍କ କାମ ଆଗେ ସାରିଲି। ଏବେ ଆପଣ କୁହନ୍ତୁ।" ଆଗନ୍ତୁକ ନିଜ ପରିଚୟ ଦେଇ କହିଲେ, "ଆପଣ ମୋର ଛାତ୍ର ଥିଲେ। ଏଣୁ ମୋର ଏହି ଆବେଦନଟିକୁ ଆପଣ ସମାଧାନ କରିଦେବେ ବୋଲି ଆଶା କରି ଆପଣଙ୍କ ପାଖକୁ ଆସିଛି।" ହାକିମ ଆବେଦନଟିକୁ ପଢ଼ିଲେ ଓ କହିଲେ, "ଆପଣଙ୍କ ଅନୁରୋଧ ନିୟମ ଅନୁମୋଦିତ ନୁହେଁ। ଏଣୁ କିଛି ସାହାଯ୍ୟ କରିହେବ ନାହିଁ।" ସେହି ଆଗନ୍ତୁକ ଶିକ୍ଷକ କହିଲେ, "ନିୟମ ଊର୍ଦ୍ଧ୍ୱରେ ମାନବିକତା ତ ଅଛି। ସେହି ଦୃଷ୍ଟିରୁ ଛାତ୍ର ହିସାବରେ ଶିକ୍ଷକର ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ମୋର ଆଶା।" ତା'ପରେ ହାକିମ ଯାହା କହିଲେ ତାହା ହିଁ ପ୍ରଣିଧାନ ଯୋଗ୍ୟ।

ହାକିମ କହିଲେ, "ମହାଶୟ ! ଆପଣ ଥିଲେ ସରକାରୀ ଶିକ୍ଷକ। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାର ଆପଣଙ୍କୁ ନିୟମିତ ଦରମା ଦେଉଥିଲେ। ସରକାର ଯେଉଁ ଦରମା ଦେଉଥିଲେ ତାହା ଥିଲା ଜନସାଧାରଣଙ୍କଠାରୁ ସଂଗୃହୀତ ବିଭିନ୍ନ ଟିକସ। ମାତ୍ର ଆପଣ ବିଦ୍ୟାଳୟରେ ଆନ୍ତରିକ ଭାବରେ ଶିକ୍ଷାଦାନ ନ କରି ଘରୋଇ ଟିଉସନ୍ କରୁଥିଲେ। ମୋ ବାପାଙ୍କ ଆର୍ଥିକ ସମ୍ବଳ ଥିବାରୁ ସେ ଆପଣଙ୍କ ନିକଟକୁ ଟିଉସନ୍ ପାଇଁ ପଠାଇଥିଲେ। ମାତ୍ର ମୋର କେତେ ଜଣ ସହପାଠୀ ଗରିବ ପରିବାରର ହୋଇଥିବାରୁ ଆପଣଙ୍କୁ ଅର୍ଥ ଦେଇ ନ ପାରି ଟିଉସନ୍‌ରୁ ବଞ୍ଚିତ ହେଲେ ଓ ପରୀକ୍ଷାରେ ଭଲ କରିପାରିଲେ ନାହିଁ।" ଶିକ୍ଷକ ହସ୍ତକ୍ଷେପ କରି କହିଲେ, "ଦେଖ ବାବୁ, ଟିଉସନ୍ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରିଥିଲି।" ହାକିମ କହିଲେ, "ମହାଶୟ ! ଶିକ୍ଷାଦାନ ଏକ ପବିତ୍ର କର୍ମ। ଯିଏ ଦାନକରେ ସେ ପ୍ରତିଦାନରେ କିଛି ଆଶା ରଖେନାହିଁ। ଧରନ୍ତୁ ମୁଁ ବଜାରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦୁଇଟି କମ୍ବଳ କିଣିଲି। ସେହି କମ୍ବଳ ବିକ୍ରେତା ଯଦି ମୋ ପାଖକୁ କୌଣସି ଆବେଦନ ଧରି ଆସେ ମୁଁ କ'ଣ ତା' ପ୍ରତି ଦରଦୀ ହେବି ? ଠିକ୍ ସେପରି ମୁଁ ଆପଣଙ୍କ ପାଖରୁ ପାଠ ସଉଦା କରୁଥିଲି। ଏଣୁ ଆପଣଙ୍କ ପ୍ରତି ଦରଦୀ ହେବାର କୌଣସି କାରଣ ନାହିଁ।" ଶିକ୍ଷକ ଏତକ ଶୁଣି ଚାଲିଗଲେ। ଏହି ଘଟଣାଟି ଘରୋଇ ଟିଉସନ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଆଲୋକପାତ କରୁନାହିଁ କି ? ଆଜି ଟିଉସନ୍ ପ୍ରଚଳନ କାରଣରୁ ବିଦ୍ୟା ଏକ ପଣ୍ୟଦ୍ରବ୍ୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହୁନାହିଁ। ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଅନାବିଳ ହୋଇ ରହିନାହିଁ। ଆଜି ଏହା କ୍ରେତା-ବିକ୍ରେତାର ସମ୍ପର୍କ। ଏଣୁ ସରକାର ସମାନ କାର୍ଯ୍ୟପାଇଁ ସମାନ ଦରମା ପ୍ରଚଳନ କରି, ଗ୍ରାଚୁଇଟି, ପେନ୍‌ସନ୍ ଆଦିର ବ୍ୟବସ୍ଥା କରି ଶିକ୍ଷକମାନଙ୍କ ଅଭାବ ଦୂରକଲେ ସେମାନେ ଆଉ ଟିଉସନ୍ କରି ପରିବାର ପ୍ରତିପୋଷଣ କରିବା ଚିନ୍ତା କରିବେ ନାହିଁ। ଚାକିରି ସର୍ତ୍ତାବଳୀ ପୂରଣ କଲାପରେ ଯଦି ସେମାନେ ପୁଣି ଅର୍ଥଲୋଭରେ ଟିଉସନ୍ କରନ୍ତି, ସେ କ୍ଷେତ୍ରରେ ତାହା ଦଣ୍ଡନୀୟ କର୍ମଭାବରେ ବିବେଚନା କଲେ କାହାରି ଆପତ୍ତି ରହିବ ନାହିଁ। ତେବେ ଶିକ୍ଷା ବ୍ୟବସ୍ଥା ସୁଧୁରିବ।

## ଅର୍ଥନୈତିକ ଚାପ ସତ୍ତ୍ୱେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ

# ପ୍ରଥମ ତ୍ରୈମାସରେ ୭.୮% ଜିଡିପି ଅଭିବୃଦ୍ଧି



ନୂଆଦିଲ୍ଲୀ  ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ୍) ମଧ୍ୟରେ ଭାରତର ବାସ୍ତବ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଆନୁମାନିକ ୭.୮% ରହିଥିବା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ସୂଚନା ମିଳିଛି। ୨୦୨୪-୨୫ ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୫% ଥିଲା। ମନ୍ତ୍ରଣାଳୟର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ପକ୍ଷରୁ ସକଳ ଘରୋଇ ଉତ୍ପାଦ (ଜିଡିପି) ଆକଳନ ସହିତ ଏହାର ବ୍ୟୟ ଉପାଦାନର ତଥ୍ୟଗୁଡ଼ିକୁ ସ୍ଥିର (୨୦୧୧-୧୨) ଏବଂ ବର୍ତ୍ତମାନର ମୂଲ୍ୟ ଆଧାରରେ ଜାରି କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନାମମାତ୍ର ଜିଡିପି ୮.୮% ହାରରେ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବାସ୍ତବ ବାସ୍ତବ ସକଳ ମୂଲ୍ୟ ବୃଦ୍ଧି (ଜିଭିଏ) ବୃଦ୍ଧି ହାର ୩.୭% ରହିଛି । ଏହା ବିଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୧.୫% ରହିଥିଲା। ଚଳିତ ଆର୍ଥିକ ବର୍ଷରେ ନାମମାତ୍ର ଆଧାରରେ ୯.୭% ବୃଦ୍ଧି ହାର ରେକର୍ଡ ହୋଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ବୃଦ୍ଧି ହାର ୪.୦% ଠାରୁ ଅଧିକ। ବାସ୍ତବ ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ (ପିଏଫ୍‌ସିଇ) ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୭.୦% ବୃଦ୍ଧି ହାର ହାସଲ କରିଛି। ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୮.୩% ରହିଥିଲା। ମୋଟ ସ୍ଥିର ପୁଞ୍ଜି ଗଠନ (ଜିଏଫ୍‌ସିଏଫ୍) ୨୦୨୪-୨୫ ଆର୍ଥିକ ବର୍ଷରେ ୬.୭% ବୃଦ୍ଧି ହାର ତୁଳନାରେ ସ୍ଥିର ମୂଲ୍ୟରେ ୭.୮% ବୃଦ୍ଧି ହାର ରେକର୍ଡ କରିଛି।୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ସ୍ଥିର ମୂଲ୍ୟରେ ବାସ୍ତବ ଜିଡିପି ବା ଜିଡିପି ପରିମାଣ ୪୭.୮୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଏହା ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧିରେ ୪୪.୪୨ ଲକ୍ଷ କୋଟି ଟଙ୍କା ଥିଲା। ତେଣୁ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭.୮% ରହିଛି।

ତ୍ରୈମାସରେ ମୁଖ୍ୟତଃ ଉତ୍ପାଦନ (୭.୭%) ଏବଂ ନିର୍ମାଣ (୭.୬%) ଭଳି ଦ୍ୱିତୀୟକ କ୍ଷେତ୍ରରେ ସ୍ଥିର ମୂଲ୍ୟରେ ୭.୫%ରୁ ଅଧିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଖଣି ଓ ଅନ୍ୟାନ୍ୟ ଖନନ (-୩.୧%) ଏବଂ ବିଦ୍ୟୁତ୍, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟ ଉପଯୋଗିତା ସେବା କ୍ଷେତ୍ର (୦.୫%)ରେ ବାସ୍ତବ ବିକାଶ ହାର ସାମାନ୍ୟ ମାନ୍ଦା ରହିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ଥିର ମୂଲ୍ୟରେ ତୃତୀୟ କ୍ଷେତ୍ର (୯.୩%) ଯଥେଷ୍ଟ ଅଭିବୃଦ୍ଧି ହାର ରେକର୍ଡ କରିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ବୃଦ୍ଧି ହାର ୬.୮% ଠାରୁ ଅଧିକ। ସରକାରୀ ଅନ୍ତିମ ବ୍ୟବହାର ଖର୍ଚ୍ଚ (ଜିଏଫ୍‌ସିଇ) ପୁଣି ଥରେ ବୃଦ୍ଧି ପାଇଛି । ୨୦୨୫-୨୬

# ଚାଟ୍ ଜିପିଟି ବିରୋଧରେ ପିଲାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଉଥିବା ଅଭିଯୋଗ

ନୂଆଦିଲ୍ଲୀ: ପିଲାମାନଙ୍କ ପାଇଁ ଚାଟ୍ ଜିପିଟି ଏବେ ପ୍ରାଣଘାତୀ ସାବ୍ୟସ୍ତ ହେଉଥିବାର ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏବେ ଚାଟ୍ ଜିପିଟି ବିରୋଧରେ ଆଉ ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏଠାରେ ଚାଟ୍ ଜିପିଟି ବ୍ୟବହାର କରୁଥିବା ଆଡାମ୍ ରାଇନ୍ ନାମକ ଜଣେ ୧୬ ବର୍ଷୀୟ କିଶୋରଙ୍କ ଆତ୍ମହତ୍ୟା ପଛରେ ଚାଟ୍ ଜିପିଟିର ଭୂମିକା ଥିବା ଅଭିଯୋଗ ହୋଇଛି। ମୃତ କିଶୋରର ମା ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ପିଲାକୁ ଆତ୍ମହତ୍ୟା କରିବା ପାଇଁ ଚାଟ୍ ଜିପିଟି ହିଁ ପ୍ରେରିତ କରିଥିଲା। ପିଲାମାନଙ୍କୁ ପଥଭ୍ରାନ୍ତ କରିବା ପୂର୍ବକ ଅବାଟରେ ନେବା ସହ ଆତ୍ମଘାତର ପଦ୍ଧତି ବତାଇ କ୍ଷତି ପହଞ୍ଚାଉଛି ବୋଲି ଚାଟ୍ ଜିପିଟି ବିରୋଧରେ ମୃତ କିଶୋରର ଅଭିଭାବକ ଅଭିଯୋଗ କରିଛନ୍ତି।

ସାନ ଫ୍ରାନ୍ସିସ୍କୋ ରାଜ୍ୟ କୋର୍ଟରେ ରାଇନଙ୍କ ବାପାମାଆ ଦାୟର କରିଥିବା ମାମଲା ଅନୁଯାୟୀ, ୧୬ ବର୍ଷୀୟ ଆଡାମ୍ ରାଇନ ମାସ ମାସ ଧରି ଚାଟଜିପିଟି ସହିତ ଆତ୍ମହତ୍ୟା ବିଷୟରେ ଆଲୋଚନା କରିବା ପରେ ଏପ୍ରିଲ ୧୧ ତାରିଖରେ ମୃତ୍ୟୁବରଣ କରିଥିଲେ। ଏହିକ୍ରମେ ସେମାନେ ଚାଟ୍‌ଜିପିଟିର ମୂଳ ସଂସ୍ଥା ଓପନ୍ ଏଆଇ ଏବଂ ତାହାର ସିଇଓ ସାମ୍ ଅଲ୍ଟମ୍ୟାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଦମ୍ପତି ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓପନ୍ ଏଆଇ କମ୍ପାନୀ ଗତ ବର୍ଷ ଏହାର କୃତ୍ରିମ ବୁଦ୍ଧିମତ୍ତା ଚାଟ୍‌ବଟ୍‌ର ଜିପିଟି-୪୦ ସଂସ୍କରଣ ଲଞ୍ଚ କରିବା ସମୟରେ ଜାଣିଶୁଣି ସୁରକ୍ଷା ଉପରେ ଲାଭକୁ ବାଛିଛି। ସେମାନେ ଅଭିଯୋଗ କରିଛନ୍ତି ଯେ ଚାଟବଟ୍ ତାଙ୍କ ପୁଅକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛି। ପିତାମାତାଙ୍କ ମଦ କ୍ୟାବିନେଟରୁ ମଦ କିପରି ଚୋରି କରି ଆତ୍ମହତ୍ୟା ଉଦ୍ୟମର ପ୍ରମାଣ ଲୁଚାଇବ ସେ ବିଷୟରେ ନିର୍ଦ୍ଦେଶ ଦେଇଥିଲା। ଚାଟ୍ ଜିପିଟି ଏକ ଆତ୍ମହତ୍ୟା ନୋଟ୍ ପ୍ରସ୍ତୁତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲା ବୋଲି ଉଭୟ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଓପନ୍ ଏଆଇର ଜଣେ ମୁଖପାତ୍ର କହିଛନ୍ତି ଯେ କମ୍ପାନୀ ରାଇନଙ୍କ ମୃତ୍ୟୁରେ ଦୁଃଖିତ। ଚାଟ୍ ଜିପିଟିରେ ଲୋକଙ୍କୁ ସଙ୍କଟକାଳୀନ ହେଲ୍ପଲାଇନ୍‌କୁ ନିର୍ଦ୍ଦେଶ ଦେବା ଭଳି ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିବା ବେଳେ ଏଭଳି ଅଭିଯୋଗ ଉଚିତ୍ ନୁହେଁ।

# ଭାରତରେ ନିର୍ମାଣ ହେଲା ବିଶ୍ୱର ପ୍ରଥମ ୨୪ ରାଉଣ୍ଡ୍ ପିସ୍ତଲ୍

କାନପୁର: ବିଶ୍ୱର ପ୍ରଥମ ୨୪ ରାଉଣ୍ଡ୍ ପିସ୍ତଲ୍ ନିର୍ମାଣ ପ୍ରକ୍ରିୟା ସଫଳ ହୋଇଛି। ସବୁଠୁ ବଡ଼କଥା ହେଉଛି ଭାରତରେ ଏହି ପିସ୍ତଲ୍‌କୁ ନିର୍ମାଣ କରାଯାଇଛି। କାନପୁର ସହରରେ ଥିବା କ୍ୟାମ୍ ଷ୍ଟାର ଡିଫେନ୍ସ ନାମକ ଏକ ପ୍ରତିରକ୍ଷା ସାମଗ୍ରୀ କମ୍ପାନୀ ପକ୍ଷରୁ ପିସ୍ତଲ 'ମ୍ୟାକ୍ସ' ଲଞ୍ଚ କରାଯାଇଛି। ଏହି ସ୍ୱତନ୍ତ୍ର ପିସ୍ତଲର ମାଗ୍‌ଜିନ୍‌ରେ ଏକ ସମୟରେ ୨୪ଟି ଗୁଳି ରହିପାରିବ। ଏହି ଅଭିନବ ନିର୍ମାଣ ସହ ଭାରତ  ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ସଫଳତା ହାସଲ କରିଛି। ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ କିମ୍ବା ଦେଶରେ ଏପରି କ୍ଷମତା ଥିବା କୌଣସି ପିସ୍ତଲ ନଥିଲା। କମ୍ପାନୀ ଦାବି କରିଛି ଯେ ଏହି ପିସ୍ତଲଟି ବିଶ୍ୱର ପ୍ରଥମ ଏପରି .୩୨ ବୋର୍ ସେମି ଅଟୋମେଟିକ୍ ପିସ୍ତଲ ଯେଉଁଥିରେ ଏକକାଳୀନ ୨୪ଟି ଗୁଳି ଲୋଡ୍ କରାଯାଇପାରିବ। ଏହି ପିସ୍ତଲକୁ ଏକ ସ୍ୱତନ୍ତ୍ର ଡିଜାଇନ୍ ସହିତ ମ୍ୟାକ୍ସ ମଡେଲ୍ ନାମ ଦିଆଯାଇଛି। ଏହାର ମୂଲ୍ୟ ୧ ଲକ୍ଷ ୯୫ ହଜାର ଟଙ୍କା ରଖାଯାଇଛି। ଏହାର ଓଜନ ପ୍ରାୟ ୬୯୦ ଗ୍ରାମ ଏବଂ ଲମ୍ବ ୩.୭ ଇଞ୍ଚ ବୋଲି କୁହାଯାଉଛି। ଏହା ସମ୍ପୂର୍ଣ୍ଣ ଭାବରେ ଷ୍ଟେନଲେସ୍ ଷ୍ଟିଲରେ ତିଆରି, ଯାହା ଏହାକୁ ଅଧିକ ମଜବୁତ ଏବଂ ସ୍ଥାୟୀ କରିଥାଏ। ବିଶେଷ କଥା ହେଉଛି ଏହି ପିସ୍ତଲ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟାରେ ତିଆରି ଏବଂ ଆଇଆଇଟି କାନପୁର ଏଥିରେ ପରାମର୍ଶ ଭୂମିକା ଗ୍ରହଣ କରୁଛି।

# ରାହୁଲଙ୍କ ଗୁରୁତର ଅଭିଯୋଗ: ଟ୍ରମ୍ପଙ୍କ ନିର୍ଦ୍ଦେଶରେ ମୋଦୀ ଯୁଦ୍ଧବିରତି କରିଥିଲେ

ପାଟନା: କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମ୍ପ୍ରତି 'ଭୋଟର ଅଧିକାର ଯାତ୍ରା' କାର୍ଯ୍ୟକ୍ରମ ପାଇଁ ବିହାରରେ ଡେରା ପକାଇଛନ୍ତି। ଏହି ଯାତ୍ରା ପରିପ୍ରେକ୍ଷୀରେ ରାହୁଲ ଅନେକ ଶୋଭାଯାତ୍ରା କରୁଛନ୍ତି ଏବଂ ସଭାସମିତିରେ ଯୋଗଦେଉଛନ୍ତି। ଏହିକ୍ରମେ ରାହୁଲ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରିବା ଦେଖିବାକୁ ମିଳିଛି। ମୁଜାଫରପୁର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାକୁ ଯାଇ ରାହୁଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଡ଼ ବଡ଼ କଥା କହୁଥିବା ବେଳେ ବାସ୍ତବରେ ଜଣେ ଭୟାତୁର ବ୍ୟକ୍ତିଙ୍କ ପରି ଆଚରଣ କରିଛନ୍ତି। ମୋଦୀ କୁଆଡେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଧମକରେ ଭୟଭୀତ ହୋଇ ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ଭାରତର କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର'କୁ ତୁରନ୍ତ ବନ୍ଦ କରିଦେଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶରେ ମୋଦୀ ଏପରି କରିଥିଲେ ବୋଲି ରାହୁଲ କହିଛନ୍ତି। ରାହୁଲଙ୍କ କହିବାନୁସାରେ ଟ୍ରମ୍ପ୍ ବାରମ୍ବାର ଦୃଢ଼ତାର ସହ କହିଆସୁଛନ୍ତି ଯେ କେବଳ ସେ ହସ୍ତକ୍ଷେପ କରିବା ଯୋଗୁ ଦୁଇ ପରମାଣୁ ଦେଶ ପରସ୍ପର ଉପରେ ପରମାଣୁ ଆକ୍ରମଣ କରିବା ଭଳି ଆଶଙ୍କାକୁ ଏଡାଯାଇପାରିଥିଲା। ସେ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବା ନେଇ ଦାବି କରୁଛନ୍ତି। କିନ୍ତୁ ମୋଦୀ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଦିନେ ନା ଦିନେ ସତ୍ୟ ସାମ୍ନାକୁ ଆସିବ। ଅନ୍ୟ ଏକ ରିପୋର୍ଟ ଅନୁସାରେ ବୁଧବାର 'ଭୋଟ ଅଧିକାର ଯାତ୍ରା'ରେ ରାହୁଲଙ୍କ ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଏବଂ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଯୋଗଦେଇଥିବା ଦେଖିବାକୁ ମିଳିଛି। ଉଭୟ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାରେ ଯୋଗ ଦେବାକୁ ଆସିଛନ୍ତି ଏବଂ ବିଜେପିକୁ କଡା ଭାଷାରେ ସମାଲୋଚନା କରିଛନ୍ତି। ପ୍ରକାଶ, ଚଳିତ ବର୍ଷ ଶେଷରେ ବିହାରରେ ନିର୍ବାଚନ ହେବାକୁ ଯାଉଛି।

# ଏଡିଆର୍ ରିପୋର୍ଟ: ୪୫% ସାଂସଦ-ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା

ନୂଆଦିଲ୍ଲୀ: କେନ୍ଦ୍ର ସରକାର ସମ୍ପ୍ରତି ସଂସଦରେ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି। ଏହି ବିଲ୍‌ରେ ଦିଆଯାଇଥିବା ପ୍ରସ୍ତାବନା ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ଯଦି ଦେଶର ପ୍ରଧାନମନ୍ତ୍ରୀ, କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀମାନେ ଫୌଜଦାରୀ ମାମଲାରେ ଗିରଫ ହୁଅନ୍ତି ଏବଂ ୩୦ ଦିନ ପାଇଁ ଜେଲରେ ରହନ୍ତି, ତେବେ ସେମାନଙ୍କୁ ପଦରୁ ବହିଷ୍କାର କରାଯାଇପାରିବ। ଏଭଳି ଏକ ବିଲ୍‌କୁ ଅଧିକାଂଶ ବିରୋଧୀ ଦଳ ବିରୋଧ କରୁଥିବା ବେଳେ ଆଉ କିଛି ବିରୋଧୀ ଦଳ ଏହାକୁ ସମର୍ଥନ କରୁଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ବିଲ୍‌କୁ ନେଇ ଦେଶବ୍ୟାପୀ ଏବେ ବିବାଦ ଏବଂ ଚର୍ଚ୍ଚା ଜୋର ଧରିଛି।

ଏସବୁ ମଧ୍ୟରେ ନିର୍ବାଚନ ସଂସ୍କାର ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି। ଏଡିଆର୍ ଦର୍ଶାଇଛି ଯେ, ବର୍ତ୍ତମାନ, ସାରା ଦେଶରେ ୪୫% ବିଧାୟକ ଏବଂ ୪୬% ସାଂସଦଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରହିଛି। ସେହିପରି ଏମାନଙ୍କ ମଧ୍ୟରୁ ହାରାହାରି ୩୦% ସାଂସଦ ଓ ବିଧାୟକଙ୍କ ବିରୋଧରେ ସଂଗୀନରୁ ଅତିସଂଗୀନ ଅପରାଧିକ ମାମଲା ରହିଛି। ନିର୍ବାଚନ ସମୟରେ ଏହି ଦାଗୀ ସାଂସଦ ତଥା ବିଧାୟକମାନଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠ ଆଧାରରେ ଏଡିଆର୍ ଏହି ରିପୋର୍ଟ ପ୍ରସ୍ତୁତ କରିଛି। ସୁତରାଂ ଅଧିକାଂଶ ସାଂସଦ ଏବଂ ବିଧାୟକ ନିଜ ସତ୍ୟପାଠରେ ନିଜ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ତଥ୍ୟ ଲୁଚାଇଥାଇପାରନ୍ତି ବୋଲି ମଧ୍ୟ ଅନୁମାନ କରାଯାଉଛି। ଏଡିଆର୍ ରିପୋର୍ଟ ଅନୁସାରେ ମହିଳାଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ପଶ୍ଚିମବଙ୍ଗ ସର୍ବାଗ୍ରେ ରହିଛି। ସେହିପରି ଏହି କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ଆନ୍ଧ୍ରପଛକୁ ଓଡ଼ିଶା ୩ୟ ସ୍ଥାନରେ ରହିଛି। ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଓଡ଼ିଶାର ୧୬ ବିଧାୟକ ଅର୍ଥାତ୍ ୧୦.୯% ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା ରହିଛି। ସେହିପରି ଅପରାଧ ଅଭିଯୁକ୍ତ ବିଧାୟକଙ୍କ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ୧ମ ସ୍ଥାନରେ ଥିବା ବେଳେ ଏହାପଛକୁ କେରଳ, ତେଲେଙ୍ଗାନା, ବିହାର, ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶା ଆଦି ରାଜ୍ୟ ରହିଛନ୍ତି। ୨୦୦୯ରେ, ୩୦% ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ଥିଲା ଏବଂ ୧୪% ସେମାନଙ୍କ ବିରୁଦ୍ଧରେ ଗମ୍ଭୀର ମାମଲା ପଞ୍ଜୀକୃତ ହୋଇଥିଲା। ୨୦୧୪ ମସିହାରେ, ଏହି ସଂଖ୍ୟା ଏକ ତୃତୀୟାଂଶ ଏବଂ ଏକ ପଞ୍ଚମାଂଶ ହୋଇଗଲା। ସେହିପରି ୨୦୧୯ ବେଳକୁ ଏହା ବୃଦ୍ଧି ପାଇଥିଲା। ଏହି ସମୟ ସୁଦ୍ଧା ୪୩% ସାଂସଦଙ୍କ ବିରୁଦ୍ଧରେ ଅପରାଧିକ ମାମଲା ଥିଲା ଏବଂ ପ୍ରାୟ ୨୯% ଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଥିଲା। ୨୦୨୪ ନିର୍ବାଚନ ପରେ, ନବଗଠିତ ସଂସଦରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଲା, ବର୍ତ୍ତମାନ ୪୬% ସାଂସଦ ଅପରାଧିକ ମାମଲା ଏବଂ ୩୧% ଗୁରୁତର ମାମଲା ସାମ୍ନା କରୁଛନ୍ତି। ଅର୍ଥାତ୍ ଗତ ୧୫ ବର୍ଷ ମଧ୍ୟରେ ଅପରାଧୀ ସାଂସଦଙ୍କ ହାର ପ୍ରାୟ ୧୬% ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ଇସ୍ରାଏଲ ସହ ସମସ୍ତ ସମ୍ପର୍କ ଛିନ୍ନ କଲା ତୁର୍କୀ

ଆଙ୍କାରା: ତୁର୍କୀ ଏକ ବଡ଼ ପଦକ୍ଷେପ ନେଇ ଇସ୍ରାଏଲ ସହିତ ସମସ୍ତ ବାଣିଜ୍ୟ ଏବଂ ଆର୍ଥିକ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛି। ଏହା ସହିତ ଇସ୍ରାଏଲ ପାଇଁ ନିଜର ଆକାଶମାର୍ଗକୁ ମଧ୍ୟ ବନ୍ଦ କରିଦେଇଛି ତୁର୍କୀ। ତୁର୍କୀ ବୈଦେଶିକ ମନ୍ତ୍ରୀ ହାକାନ୍ ଫିଦାନ କହିଛନ୍ତି ଯେ ଇସ୍ରାଏଲୀ ବିମାନଗୁଡ଼ିକୁ ଆଉ ତୁର୍କୀ ଆକାଶମାର୍ଗ ଦେଇ ଉଡ଼ାଣ କରିବାକୁ ଅନୁମତି ଦିଆଯିବ ନାହିଁ। ଏହି ନିଷ୍ପତ୍ତିର ଆର୍ଥିକ ପରିଣାମ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଆକଳନ କରାଯାଉଛି ଯେ ତୁର୍କୀ ଆକାଶମାର୍ଗ ଏଡ଼ାଇବା ଯୋଗୁଁ ଇସ୍ରାଏଲରୁ ଜର୍ଜିଆ ଏବଂ ଆଜରବାଇଜାନ ଭଳି ଦେଶକୁ ଉଡ଼ାଣ ସମୟ ପ୍ରାୟ ଦୁଇ ଘଣ୍ଟା ବୃଦ୍ଧି ପାଇବ। ଜଣେ ଇସ୍ରାଏଲୀ ଅଧିକାରୀ ଜେରୁସାଲେମ ପୋଷ୍ଟକୁ କହିଥିଲେ, 'ତୁର୍କୀ ପୂର୍ବରୁ ଇସ୍ରାଏଲ୍ ସହ ଆର୍ଥିକ ସମ୍ପର୍କ ସମାପ୍ତ କରିବାକୁ ଘୋଷଣା କରିସାରିଛି, କିନ୍ତୁ ସମ୍ପର୍କ ପରେ ମଧ୍ୟ ଜାରି ରହିଥିଲା।' ପୂର୍ବରୁ ରିପୋର୍ଟ ଆସିଥିଲା ଯେ ତୁର୍କୀ ବନ୍ଦର ଅଧିକାରୀମାନେ ଜାହାଜ ଏଜେଣ୍ଟମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନେବା ଆରମ୍ଭ କରିଛନ୍ତି ଯେ ସେମାନଙ୍କର ଜାହାଜର ଇସ୍ରାଏଲ ସହିତ କୌଣସି ସମ୍ପର୍କ ନାହିଁ ଏବଂ ସେମାନେ ସେଠାରେ କୌଣସି ସାମରିକ କିମ୍ବା ବିପଜ୍ଜନକ ସାମଗ୍ରୀ ବହନ କରୁନାହାଁନ୍ତି।

ଏହା ଉଲ୍ଲେଖନୀୟ ଯେ ଗତ ବର୍ଷ ଗାଜା ଯୁଦ୍ଧ ଯୋଗୁଁ ତୁର୍କୀ ଇସ୍ରାଏଲ ସହିତ ବାର୍ଷିକ ୭ ବିଲିଅନ ଡଲାର ବାଣିଜ୍ୟ କାରବାରକୁ ମଧ୍ୟ ବନ୍ଦ କରିଦେଇଥିଲା। ବର୍ତ୍ତମାନ ଆକାଶ ଏବଂ ସାମୁଦ୍ରିକସ୍ତରରେ ଏହି ପଦକ୍ଷେପ ଇସ୍ରାଏଲ ବିରୁଦ୍ଧରେ ତୁର୍କୀଙ୍କ କଠୋର ନୀତିକୁ ଦର୍ଶାଉଛି।

## ମା’ ମରିନାହଁ ତୁମେ

ମରିନାହଁ ତୁମେ ସାଜି ବୀରାଙ୍ଗନା
ଦେଖାଇଛ ବୀର ବେଶ
କାଳ କାଳ ପାଇଁ ଅମର ଅକ୍ଷରେ
ରହିଯିବ ନାମ ଯଶ।
ରାଣୀ ଲକ୍ଷ୍ମୀବାଈ ସାଜିଥିଲ ତୁମେ
ଲଢ଼ିଥିଲ ଏକା ଏକା
ଜୀବନକୁ ତୁମ ଲଗାଇଲ ବାଜି
ବଳି ପଡ଼ିଗଲ ଏକା।
ସମୀର ପରଶ ପାରିଲାନି ଛୁଇଁ
ତୁମେ ଥିଲ ସୌମ୍ୟ ଶିଖା
ପବିତ୍ର ଦେହକୁ ସନମାନ ଦେଇ
ସମାଜକୁ ଦେଲ ଶିକ୍ଷା।
ନାରୀ ଜାତି ପାଇଁ ସାଜିଅଛ ଅର୍କ
ନବ ଚେତନାର ଭାଷା
ମରିବ ପଛକେ ଅସୁର ମନର
ପୂରଣ ନ କର ଆଶା।
ସତୀ ସୀତା ଭଳି ପବିତ୍ର ମନରେ
ପରୀକ୍ଷା ଦେଇଛ ତୁମେ
ପ୍ରଭୁ ରାମଭଳି ଶାସକଙ୍କୁ ଆଜି
ଦେଇଗଲ ଶିକ୍ଷା ତୁମେ।
ନାରୀଜାତି ପାଇଁ କଳଙ୍କ ନହୋଇ
ସାଜି ମନ୍ଦାକିନୀ ଧାର
ଆଗାମୀ ଯୁଗକୁ ବୁହାଇ ଦେଲ ତ
ସ୍ଫଟିକର ଜଳ ଧାର।
ଏ ମାଟିର ଶିରୀ ନାମଟି ସୌମ୍ୟାଶ୍ରୀ
ସମାଧି ରଚିଲ ତୁମେ
ଶବାରୀ ବଦଳେ ଜଳିଲ ଜୁଇରେ
ଭବେ ମରିନାହଁ ତୁମେ।

**ଛବିଳ କୁମାର ସାହୁ**
**(କଳା ଶିକ୍ଷକ)**
କୁଣ୍ଡାପିଠା ଉଚ୍ଚ ବିଦ୍ୟାଳୟ, ଦେବଗଡ଼

## ମେଘ ସବାରୀ

ତମ ଗାଁରେ ବର୍ଷା ଛେଚୁଛି
ଆମ ଗାଁରେ ଖରା
ତମ ଗାଁରେ ଘଡ଼ଘଡ଼ି
ଆମ ଗାଁ ଶୁଖିଲା ।
ତମ ଗାଁରେ ନଈବଢ଼ି
ଦୁଇ କୂଳକୁ ଖାଏ
ଚତୁର୍ମାସ୍ୟା ତମ ଗାଁରେ
ବିରହ ଧରିଥାଏ ।
ଆମ ଗାଁରେ ତାତି ରହିଛି
ଭୁଲି ହେଉନି କଷ୍ଟ
ଶୀତଳ ଟିକେ ପାଇବା ପାଇଁ
ମନଟି ଛଟପଟ ।
ଫୁଲ ଫୁଟିଛି ତମ ଗାଁରେ
ବାସନା ଦିଏ ଢାଳି
ସ୍ୱପ୍ନରେ ତମେ କେତେ ଭିଜୁଛ
କହିବି ଗଲେ କାଲି ।
ବରଷା ଆସି ଝୁଣ୍ଟି ପଡ଼ିଛି
ଆସୁନି ଆମ ଗାଁ
ଭରା ତାତିରେ ଦିନ କାଟୁଛି
ନାହିଁ ଶୀତଳ ବାଆ ।
ମେଘ ସବାରୀ ଦିଶିଗଲାଣି
ତମ ଗାଁ ଆଡୁ ଆସେ
ଆମ ଗାଁରେ ବାଜିବ ବାଜା
ଶୁଭିବ ଚଉପାଶେ ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ

# ସେ ସମୟର ସଂକ୍ରମଣ



✍ ଡ. ମୌସୁମୀ ପରିଡ଼ା

ମାଆ ଥିଲା ଘର ଭିତରେ, ବିଲକୁଲ୍ ଶାନ୍ତ, ନିସ୍ତବ୍ଧ। ଖଟରେ ପଡିଥିଲା କି ଚଟାଣରେ,ଲୁହରେ ବତୁରୁଥିଲା କି ନିଆଁରେ କୁହୁଳୁଥିଲା, ସୋଫାରେ ବସିଥିଲା କି ଯନ୍ତ୍ରଣାରେ ଛଟପଟ ହେଉଥିଲା ଜାଣିବା ମୁସ୍କିଲ୍ ଥିଲା। ପାପା କେବେକେବେ ପଚାରୁଥିଲେ- ଏବେ ଭଲ ଲାଗୁଚି ? ସେପଟୁ ମାଆ ବହୁକଷ୍ଟରେ ନାଇଁ କହୁଥିଲା।

ଲୁଣି କାଜୁ କି ସ୍ନାକ୍ସ ଟିକେ ଦେବି ? ମାଆର ନା ଶୁଣି ବାପା ଆକଟୁଥିଲେ - କିଛି ନଖାଇଲେ ଭଲ କେମିତି ହବ ? ଏ ଭୂତାଣୁର କଣ କମ୍ ଶକ୍ତି ! ମନ ଓ ଶରୀରକୁ ଚିପୁଡିଦବ ପୁରା। କିଛି ତ ଖାଅ। ସକାଳେ ଖଣ୍ଡେ ରୁଟି ଖାଇଥିଲ କ୍ଷୀରରେ ବୁଡେଇ। ଆଉ କିଛି ନଖାଇଲେ କେମିତି ହବ ? ସେପଟୁ କିଛି ଶୁଭିଲାନି। ପାପା ଅନୁରୋଧ କଲା ପରି କହିଲେ- ଅରୁ, ଅବାଧ୍ୟ ହୁଅନି। କିଛିଦିନ ତ ଏମିତି ଲାଗିବ। ମନକୁ ଦୃଢ କର। ତେବେ ବି ଉ□ର ନଥିଲା। ପାପା ଜାଣିଥିଲେ ମାଆ କହିପାରୁନି କୋହମୋହ ହୋଇ। ଏବେ ତକିଆଟାକୁ ଲୁହରେ ଭିଜେଇସାରିଥିବ।

କବାଟ ଏପଟେ ପାପା ବ୍ୟସ୍ତ ହୋଇ ପଦଚାଳନା କରୁଥିଲେ। କେତେବେଳେ ଗରମ ପାଣି ଯାଚୁଥିଲେ ତ କେତେବେଳେ ଖାଇବା। ରୋଷେଇ କରୁଥିବା ପିଲାଟି ଆଜିକାଲି ଆଉ ଆସୁନଥିଲା କରୋନା ଭୟରେ। ପାପା ଯାହା ବଜାରରୁ ନେଇଆସୁଥିଲେ, ଆଉ କିଛି ନିଜ ହାତରେ ବନଉଥିଲେ ମାଆ ତାକୁ ହି ଖାଇପାରୁନଥିଲା ଠିକ୍‌ରେ। ମାଆକଷ୍ଟରେ ଥାଇ ବିବ୍ୟସ୍ତ ହେଉଥିଲା ପାପାଙ୍କ ପାଇଁ। ଆଜିଯାଏଁ ରୋଷେଇ କରିବାକୁ ଦେଇନଥିଲା ସେ। ହାତରେ ଚିଆଁ ଦେଇ ସେ କିନ୍ତୁ ଖାଇବା ବନେଇବାକୁ କୁଣ୍ଠାକରୁନଥିଲେ। ଅନିମେଶ୍ ଖାଲି ଦେଖୁଥିଲା ପାପାଙ୍କୁ ବ୍ୟସ୍ତ ହେବାର। ଘରେ କିଛିଦିନ ଅଟକିମାଆ ପାପାଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲା।

ପାପା କିନ୍ତୁ କିଛି କରିବାକୁ ଦଉନଥିଲେ। ବୋଧେ ଭରସା ନଥିବ ତା ଉପରେ। ମାଆକୁ କୋଭିଡ୍ ହେବାର ଦୁଇଦିନ ଭିତରେ ଘରର ନକ୍ସା ଓ ପାପା ବହୁତ ବଦଳିଯାଇଥିଲେ। ଆଉ ତ ଅନେକ ଦିନ ଅଛି ସେ ସୁସ୍ଥ ହେବାର। ଘରେ ସଂଗରୋଧରେ ରହିବା ପରଠୁ ପାପା ରୋଷେଇ ଘରେ ମାଆ ମନ ପସନ୍ଦର ଖାଇବା ବନେଇ ଅନିମେଶ୍ ଉଦ୍ଦେଶ୍ୟରେ କହୁଥିଲେ- ପାଣି ରଖି ଦେ ବୋତଲରେ। ବଜାରରୁ ପିସ୍ତା, ଶାଗ ଆଉ ବଡି ଟିକେ ଆଣି ଦେ। ସାଙ୍ଗରେ ଆଳୁ ଚିପ୍ସ ବି ଆଣିବୁ। ତୋ ମାଆର ଦେହ ଖରାପ ଥିଲେ ଚିପ୍ସ ଖାଇବାକୁ ମନକରେ। ଶାଗରେ ରସୁଣ ଛୁଙ୍କ ଦେଲେ ଭାତ ଗଣ୍ଡେ ଖୁସିରେ ଖାଏ। ମୁଁ କଣ ଏସବୁ ଜାଣିଚି ଯେ କରିକି ଦେବି ! ପ୍ରକୃତରେ ମାଆ କିଛି ଖାଇପାରୁନଥିଲା। କାନ୍ଦୁଥିଲା ଅବିରତ। ପାପା କିନ୍ତୁ ତା ସୁଖ ସୁବିଧା ପାଇଁ ସବୁ ଅସମ୍ଭବକୁ ସମ୍ଭବ କରିବାକୁ ଚେଷ୍ଟିତ ଥିଲେ। ଏପଟେ ଥାଇ ଯେତେ ଆଶ୍ୱାସନା ଦେଲେ ବି ନିଅଣ୍ଟ ଥିଲା।

ପାପା ଚିଡ଼୍‌ଚିଡ଼୍ ହେଉଥିଲେ ଅନିମେଶ୍ ଉପରେ। ଅନିମେଶ୍ ବୁଝିପାରୁନଥିଲା ପାପା ରାଗୁଥିଲେ କାଇଁକି ତା ଉପରେ ! ମାଆର ଯନ୍ତ୍ରଣା ତାଙ୍କୁ ଆକ୍ତାମାକ୍ତା କରିପକଉଥିଲା କି କଣ ! ଅନିମେଶ୍ କହୁଥିଲା- ପାପା ମୁଁ ବନେଇ ଦଉଚି ଖାଇବା। ତମେ ଯାଅ ବିଶ୍ରାମ ନବ। ସେ ଅମଙ୍ଗ ହେଉଥିଲେ। ଦିନେ ରାତିରେ ଖାଇବା ବେଳେ ପାପା ଭାରି ସ୍ୱରରେ କହିଲେ- ଅନି, ତୋ ମାଆକୁ ଖୁବ୍ କଷ୍ଟ ହଉଚି..ସେ ସହି ପାରୁନି। ସେ ସବୁ ସହିପାରେ ଦେହକଷ୍ଟ ଛଡା। ହେଲେ ମୁଁ ଅସହାୟ !

ମୁଁ ବେଶ୍ ବୁଝୁଚି। ଅସୁସ୍ଥ ହେଲେ ସେ ପୁରା ପଡିରହେ ନିସ୍ତେଜ ହୋଇ। ପାପା ଲୁହରେ ଓଜନିଆ ଦିଶିଲେ। ଅନିମେଶ୍ ଆଖିଆଗେ ଅତୀତ ଭାସୁଥିଲା।

ଏ..ନିଦ ମଳମଳ ହେଇ ମାଆ ବାପାଙ୍କୁ ଡାକୁଥିଲା ରାତିଅଧରେ।

ହୁଁ। ଗୋଟେଥରରେ ପାପା ଆସ୍ତେ ଜବାବ୍ ଦେଉଥିଲେ ଅଧା ନିଦରୁ।

ଓହ୍..। କୁନ୍ଥଉଥିଲା ମାଆ।

ହୁଁ.. କହି ପାପା ମାଆକୁ ଚଦର ଘୋଡେଇ ଦଉଥିଲେ ତ ମଶାବତୀ ସରିଯାଇଥିଲେ ନୂଆଟେ ଲଗେଇ ଦଉଥିଲେ। ମାଆ ମଶା କାମୁଡା ସହିପାରେନା। ଅନିମେଶ୍ ବି ନିଦୁଆ ଆଖିରେ ବୁଝିପାରୁନଥିଲା ମାଆ ଠାରରେ କହୁଥିବା କଥାକୁ ପାପା କେମିତି ବୁଝୁଥିଲେ ନିଦରେ ଥାଇ ! ସେତେବେଳେ ସେମାନଙ୍କ ବିବାହକୁ ସାତ ଆଠ ବର୍ଷ ହେଇଥିବ କି କଣ ! ଏବେ ବତିଶ୍ ବର୍ଷର ସଂପର୍କ ଭିତରେ ପାପା ମାଆ ଉଭୟଙ୍କୁ ଆହୁରି ଭଲରେ ବୁଝିଯାଇଥିବେ। ସେଥିପାଇଁ ମାଆର କଷ୍ଟତକ ପ୍ରତିଫଳିତ ହେଉଥିଲା ପାପାଙ୍କଠାର।

ସେପଟୁ ଅନିନ୍ଦିତା ଫୋନ୍ କରିଥିଲା ଅନିମେଶ୍‌ବସାକୁ ଫେରିଲା ପରେ ହିଁ ସେ ଫେରିବ ସରକାରୀ କ୍ୱାର୍ଟରକୁ। କରୋନାର ଆତଙ୍କରେ ସେ ଏକାକୀ କଟକରେ ରହିବା ଠିକ୍ ନୁହେଁ। ସେ ଜାଣିଥିଲା ଏଭଳି ଅସମୟରେ ଅନିମେଶ୍ ତା ପାପା ମାଆଙ୍କୁ ଏକାକୀ ଛାଡିପାରିବନି। କିଛି ନକରିପାରିଲେ ବି ସେ ଦୁହିଁଙ୍କ ପାଖେ ଜଗିରହିବ। ସେ ମଉକାରେ ଅନିନ୍ଦିତା ବି ତା ମାଆ ଘରକୁ ଚାଲିଯାଇଥିଲା। ଏମିତିରେ ଗାଁରେ ତା ମାଆ ଏକାକିନୀ।

ପାପା ସନ୍ଧ୍ୟାରେ ପଚାରିଲେ- ହଇରେ, ତତେ ତ ତୋ ମାଆ ରୋଷେଇ ଘରେ ପୂରେଇ ଦେଇନି କେବେ। ତୁ ରୋଷେଇ କେମିତି ଜାଣିଲୁ ଯେ କହୁଥିଲୁ ମୁଁ ବନେଇଦେବି ତମେ ଯାଅ ବିଶ୍ରାମ ନବ ! ଥତମତ ହେଇ ଅନିମେଶ୍ କହିଲା- ତମକୁ ତ ସେ କିଛି ବନେଇ ଦେଇନଥିଲା ବୋଲି ଏବେ ହଇରାଣ ହଉଚ ! ସେଇଥିପାଇଁ ମତେ ତମ ବୋହୂ ଆଗୁଆ ଶିଖେଇ ଦେଇଚି।ପାପା ଗାରେଡେଇ ଚାହିଁ କହିଲେ- ଭଲ କରିଚି ସେ। କଣ କଣ ବନେଇଜାଣିଚୁ ?

ଯାହା କହିବ କରିଦେଇପାରିବି। ତେବେ ଆମିଷ ଭଲରେ ବନେଇ ଜାଣେ। ଶାକାହାରୀ ଖାଇବା ଅଳ୍ପ କିଛି..। ପାପା ଫିକା ହସିଲେ।

କଟକ କେବେ ଯିବୁ ?

ସେ ଚିନ୍ତା କରନି ତମେ। ଛୁଟି ନେଇ ଆସିଚି ଦଶ ଦିନ। ମାଆ ସୁସ୍ଥ ହେଇଯାଉ ଆଗେ, କହି ଟି.ଭିରେ ଆଇ. ପି. ଏଲ୍ ମ୍ୟାଚ୍ ଦେଖିଲା ସେ। ପାପା ଉଠିଯାଇ ମାଆ ରୁମ୍ ପାଖରୁ ଡାକିଲେ- ଭଲ ଲାଗିଲାଣି ? ସେପଟୁ କଣ କହିଲା ମାଆ ଜଣାନାଇଁ, ପାପା କହିଲେ- କବାଟ ଖୋଲି ବସୁନ ବାରଣ୍ଡାରେ, ନଇଲେ ଛାତ ଉପରକୁ ଟିକେ ଯାଅ। ଘରଟାରେ ଚାରିଦିନ ଧରି ନିଜକୁ କାଇଁ ବନ୍ଦୀ ବନେଇଚ ?

ମାଆ କୁନ୍ଥଉଥିଲା। ବୋଧେ ବିଛଣାରୁ ଉଠିକି ବସିବାକୁ ଚାହୁଁଥିଲା। ଅନିମେଶ୍ ଡାକିଲା- ମାଆ।ମାଆ ଭିତରେ ପ୍ରାଣ ପଶିଲା ଯେପରି- ହଁ ରେ ଧନ। ତୁ ଖାଇଚୁ ନା ଭଲରେ ?

ଆମ କଥା ଚିନ୍ତା କରନା। ତୁ ଟିକେ ପାପାଙ୍କ କଥା ମାନି ଭଲରେ ଖାଆ। ଶୀଘ୍ର କେମିତି ଭଲ ହେବୁ ? ପାପା ଏପଟେ ଖୁବ୍ ବ୍ୟସ୍ତ। ଅନିମେଶ୍ ସ୍ୱରଟା ଭିଜା ଭିଜା ଲାଗିଲା। ସେପଟେ ମାଆର ବି..। ପାପା ବାହାରକୁ ପଳେଇଲେ। ରାତିଟା ସାରା କଡ ଲେଉଟେଇ ଅନିମେଶ୍ ଭାବୁଥିଲା- କି ଭୟଙ୍କର ଏ ଜୀବନର ଛନ୍ଦ ! ଅନିନ୍ଦିତା ମାଆ ପରି କୋମଳ ନୁହେଁ। ସେ ରୁକ୍ଷା, କିଛି ପରିମାଣରେ ସ୍ୱାର୍ଥପର ବି। କିନ୍ତୁ ଅନିମେଶ କିଛି କହିପାରେନା। ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଜୀବନ ଶୈଳୀ ଅଛି। ବଂଚିବାର ଅଧିକାର ଅଛି। ମାଆ ଏତେ ଭଲ ହେବାଟା ଯେମିତି ସ୍ୱାଭାବିକ, ଅନିନ୍ଦିତାର ସେତିକି ନହେବାଟା ବି ଆକସ୍ମିକ। ସେ ବିପାପାଙ୍କ ପରି ବୁଝିଚି ନିଜ ପତ୍ନୀକୁ। ତାକୁ କାମବାଲୀଟେ ଦେଇପାରିନି ବୋଲି ନିଜେ ଘର କାମରେ ସାହାଯ୍ୟ କରିଛି। ସେ କ୍ଷୋଭରେ ତାତି ଉଠିଲା ବେଳେ ମୁଣ୍ଡପାତି ସହିନେଇଚି ତା ଲାନ୍ଛନା। ଅବଶ୍ୟ ସେ ହିସାବରେ ମାଆ କିଛି ଚାହିଁନି ପାପାଙ୍କଠୁ। ଅନିନ୍ଦିତା କିନ୍ତୁ ଯାବତୀୟ ଫର୍ମାଇଶ୍ କରିଆସିଛି ଏଯାବତ୍।

ଆଖି ମୁଦି ହୋଇ ଆସିଥିଲା ଏସବୁ ଭାବୁଭାବୁ। ସକାଳର ମାଧୁର୍ଯ୍ୟ ଆଜିକାଲି ମିଳେଇଯାଇଥିଲା ଆଶଙ୍କାରେ। ଖରା ପଡିଯାଇଥିଲା। ଅନିମେଶ୍ ବେସିନ୍‌ରେ ମୁହଁ ଧୋଇ ଦେଖିଲା ପାପା ଦିଶୁନାହାନ୍ତି। ଦାଣ୍ଡ କବାଟ ବନ୍ଦ ଅଛି। କୁଆଡେ ଗଲେ ଭାବୁଭାବୁ ନଜର ପଡ଼ିଲା ମାଆ ରୁମ୍ ଆଡେ। ମାଆ ବାହାରକୁ ଆସିଚି କି ଆଜି ? ଘର ଭିତରେ ପଡିପଡି ବିରକ୍ତ ହୋଇଯାଇଥିବ। ଆଡେଇ ଚାହିଁଲା ସେ ଭିତରକୁ। ପାପା ଖଟ ଉପରେ ବସିଯାଇ ମାଆକୁ ଆଉଁସୁଥିଲେ। ଅନିମେଶ୍‌କୁ ଦେଖି ନେଇ କହିଲେ- ତୋ ମାଆ ଚାରିଦିନ ଚାରି ରାତି ଧରି ଶୋଇପାରୁନଥିଲା ରେ। କାଲି ରାତିରେ ଜ୍ୱରରେ ଛଟପଟ ହେଉଥିଲାବେଳେ ମୁଁ ଦେଖି ସହିପାରିଲିନି। ତାର ଶତବାଧା ସତ୍ତ୍ୱେ ଭିତରକୁ ପଳେଇଆସିଲି। ଏଇ କିଛି ସମୟ ହେଲା ଶୋଇପଡ଼ିଛି ଗାଢ ନିଦରେ..ଦେଖ୍ କେତେ ଶାନ୍ତ ଓ କୋମଳ ଦିଶୁଚି ତା’ ମୁହଁ ! ଏବେ ମୁଁ ବି ସଂଗରୋଧରେ ରହିତୋ ମାଆ ସେବା କରିବି। ସେ ମୋର ଦାୟିତ୍ୱ। ଏଥର ତୁ ସଂସାରକୁ ଚଳେଇ ନେ।

ଅନିମେଶ୍ କିନ୍ତୁ ଜାଣିଥିଲା ପାପାଙ୍କର ପ୍ଲାନିଂ ସରିଥିଲା ଯେତେବେଳେ ସେ ତାକୁ ଖାଇବା ବନେଇବା କଥା ପଚାରୁଥିଲେ। ଫୋନ୍‌ରେ ଅନିନ୍ଦିତାକୁ ଏକଥା କହିବାବେଳେ ସେ ନିରବିଯାଇଥିଲା କିଛି ସମୟ। ଫୋନ୍ ରଖିବା ପୂର୍ବରୁ କହିଲା- ଶୁଣ, ମୁଁ କାଲି ଯାଉଚି ତମ ପାଖକୁ।

ବ୍ୟସ୍ତ ହୁଅନା। ତମେ ଏଠି ଚଳିପାରିବନି। ବହୁପ୍ରକାରର ଅସୁବିଧା ଉପୁଜିବ। ଅନିମେଶ୍ କହିଲା।


ତମକୁ ଯଦି ସେଠି ସଂକ୍ରମଣ ହୁଏ... ! ଶୁଣ, ସମୟ ସବୁପ୍ରକାରର ସ୍ଥିତି ଓ ମଣିଷକୁ ବଦଳେଇପାରେ, ମତେ ବି। ଅନିନ୍ଦିତାର ସ୍ୱର ସହ ମନ ବି ବଦଳିଯାଇଥିଲା ହଠାତ୍। ଏତେ ଦୁଃଖରେ ବି ଚେନାଏ ହସ ଝୁଲୁଥିଲା ଉଭୟଙ୍କ ମୁହଁରେ। କରୋନା ସଂକ୍ରମଣ ଦୁର୍ବିସହ ହେଲେ ବି ପ୍ରେମ, ସଦିଚ୍ଛା ଓ ସହାନୁଭୂତିର ସଂକ୍ରମଣ ତାକୁ ହ୍ରାସ କରିବାକୁ ଯଥେଷ୍ଟ, ଏଇଆ ପ୍ରମାଣିତ ହେଉଥିଲା।

***ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର,***
***ଜଗତସିଂହପୁର***


ଦି ଡାଇମଣ୍ଡ ୱେଡିଂ ଗାଉନ


ନାଇଟେଙ୍ଗେଲ ଅଫ୍ କ୍ୱାଲାଲମ୍ପୁର


ୟୁମି କାତ୍ସୁରା ହ୍ୱାଇଟ୍ ଗୋଲ୍ଡ ଗାଉନ


ଭେରା ୱାଙ୍ଗ ଗାଉନ୍

# ଦାମୀ ଗାଉନ୍

ବିବାହ ହେଉ କି ପାର୍ଟି, ଗାଉନ୍ ଦିଏ ଗ୍ଲାମରସ୍ ଲୁକ୍। ତେଣୁ ଆଜିକାଲି ଏହାର ଚାହିଦା ବହୁତ। ହେଲେ ଆମେ ଏଠି ଯେଉଁ ଗାଉନ୍‌ଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଛୁ ସେଗୁଡ଼ିକୁ ପିନ୍ଧିବାକୁ ଯଦିଓ ସମସ୍ତେ ଚାହିଁବେ, ହେଲେ ଏହାକୁ ପିନ୍ଧିବା ତ ଦୂରର କଥା ଏହାକୁ ସ୍ପର୍ଶ କରିବା ବି ସାତ ସପନ। କାରଣ ଏସବୁ ହେଉଛି ପୃଥିବୀର ସବୁଠାରୁ ଦାମୀ ଗାଉନ୍...

ନାଇଟେଙ୍ଗଲ ଅଫ୍ କ୍ୱାଲାଲମପୁର: ଡିଜାଇନର୍ ଅବଦୁଲା ଫୈଜଲୀ ତିଆରି କରିଛନ୍ତି ଏହି ସୁନ୍ଦର ଲାଲ ରଙ୍ଗର ଗାଉନ୍‌କୁ, ଯାହାକି ପୃଥିବୀର ସବୁଠାରୁ ଦାମୀ ଗାଉନ୍ ଭାବେ ପରିଚିତ। ସିଲ୍କ, ସିଫନ୍, ଟାଫେଟା, ସାଟିନ୍ ଆଦି କପଡ଼ାରେ ଏହି ଗାଉନ୍‌ଟି ତିଆରି ହୋଇଛି। ମଝିରେ ଲାଗିଥିବା ୭୦ କ୍ୟାରେଟ୍‌ର ଟିୟରଡ୍ରପ୍ ଡାଇମଣ୍ଡ ହେଉଛି ଗାଉନ୍‌ର ମୁଖ୍ୟ ଆକର୍ଷଣ। ଏହାବାଦ୍ ଏଥିରେ ଖଚିତ ହୋଇଛି ସ୍ୱରୋଭସ୍କି କ୍ରିଷ୍ଟାଲ ଓ ୭୫୧ଟି ସତସତିକା ହୀରା। ଗାଉନ୍‌ର ମୂଲ୍ୟ ହେଉଛି ୩୦ ମିଲିୟନ ଡଲାର।

ରେଡ୍ ଡାଇମଣ୍ଡ୍ ଅବାୟା: ବ୍ରିଟିଶ୍ ଫ୍ୟାଶନ୍ ଡିଜାଇନର୍ ଡେବି ୱିଙ୍ଗହାମ୍ ଡିଜାଇନ୍ କରିଛନ୍ତି ଏହି ସୁନ୍ଦର ଆଉଟ୍‌ଫିଟ୍‌କୁ। ଏଥିରେ ୧୦୦୦ଟି ବ୍ଲାକ୍ ଓ ହ୍ୱାଇଟ୍ ଡାଇମଣ୍ଡ ସହ ଅନେକ ରେଡ୍ ଡାଇମଣ୍ଡ୍ ଖଚିତ ହୋଇଛି। ୧୪ କ୍ୟାରେଟ୍‌ର ହ୍ୱାଇଟ୍ ଗୋଲ୍ଡ ସୂତାରେ ଏହା ଉପରେ ହାତରେ ସିଲେଇ କାମ କରାଯାଇଛି। ଏହାକୁ ତିଆରି କରିବା ପାଇଁ ୬ ମାସ ସମୟ ଲାଗିଥିଲା। ଆଉ ଏହି ଆଉଟ୍‌ଫିଟ୍‌ର ମୂଲ୍ୟ ହେଉଛି ୧୬ ମିଲିୟନ ଡଲାର।

ହାନି ଏଲ୍ ବିହେୟାରୀ ୱେଡିଂ ଗାଉନ୍: ୧୫ ମିଲିୟନ୍ ଡଲାର୍‌ର ଏହି ଗାଉନ୍‌ରେ ଷ୍ଟାର ପାଟର୍ନର ଏକ ଓଢ଼ଣା ଓ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ତଳଭାଗ ରହିଛି। ଶହ ଶହ ହୀରା ଓ ଦାମୀ ଷ୍ଟୋନ୍ ଖଚିତ ଏହି ଗାଉନ୍ ଲାଗେ ବେଶ୍ ଆକର୍ଷକ। ଇଜିପ୍ଟର ଫ୍ୟାଶନ୍ ଡିଜାଇନର୍ ହାନି ଏଲ୍ ବିହେୟାରୀ ଏହାକୁ ଡିଜାଇନ୍ କରିଛନ୍ତି। ଏହାକୁ ତିଆରି କରିବା ଲାଗି ତାଙ୍କୁ ୮୦୦ ଘଣ୍ଟା ସମୟ ଲାଗିଥିଲା।

ଦି ଡାଇମଣ୍ଡ୍ ୱେଡିଂ ଗାଉନ୍: ଜୁଏଲର୍ ମାର୍ଟିନ କାଜ୍ ଓ ଡିଜାଇନର୍ ରେନି ଷ୍ଟ୍ରସ୍‌ଙ୍କ ଦ୍ୱାରା ତିଆରି ଏହି ସୁନ୍ଦର ୱେଡିଂ ଗାଉନ୍‌କୁ ସବୁ ଝିଅ ଚାହିଁବେ ନିଜର ସ୍ପେଶାଲ ଡେ’ ତଥା ବିବାହ ଅବସରରେ ପିନ୍ଧିବାକୁ। ଓପୁଲେଣ୍ଟ ସିଲ୍କରେ ତିଆରି ଉକ୍ତ ଗାଉନ୍‌ରେ ଲାଗିଛି ୧୫୦ କ୍ୟାରେଟ୍‌ର ହୀରା। ଯାହା ଗାଉନ୍‌କୁ କରାଏ ଆକର୍ଷକ। ଏହାକୁ ଏଭଳି ତିଆରି କରାଯାଇଛି ଯେ, କନିଆ ଗାଉନ୍‌ଟିକୁ ପିନ୍ଧି ଗଲାବେଳେ ହୀରାଗୁଡ଼ିକ ଲାଇଟ୍‌କୁ କ୍ୟାପଚର୍ କରି ଏତେ ଚମକ୍‌ଦାର ଓ ଆକର୍ଷକ ଦେଖାଯାଏ ଯେ ଆଖି ଝଲସି ଉଠିବ। ଏହାର ମୂଲ୍ୟ ୧୨ ମିଲିୟନ ଡଲାର ରହିଛି।

ୟୁମି କାସୁରା ହ୍ୱାଇଟ୍ ଗୋଲ୍ ଗାଉନ୍: ଏହି ବ୍ରାଇଡାଲ୍ ଗାଉନ୍‌କୁ ତିଆରି କରିଛନ୍ତି ଜାପାନର ବହୁ ପ୍ରସିଦ୍ଧ ଡିଜାଇନର୍ ୟୁମି କାତ୍‌ସୁରା। ସିଲ୍କ, ସାଟିନ୍ କପଡ଼ାରେ ପ୍ରସ୍ତୁତ ଏହି ଗାଉନ୍‌ରେ ଜରି ଏମ୍ବ୍ରୋଏଡୋରି କାମ ହେବା ସହ ଏଥିରେ ୧୦୦୦ ମୋତି, ୮.୮ କ୍ୟାରେଟ୍ ଏକ ସବୁଜ ହୀରା ଓ ୫ କ୍ୟାରେଟ୍ ହାଇଟ୍ ଗୋଲ୍ଡ ଡାଇମଣ୍ଡ ଖଚିତ ହୋଇଛି। ଏହାର ମୂଲ୍ୟ ହେଉଛି ୮.୩ ମିଲିୟନ ଡଲାର।

ଭେରା ୱାଙ୍ଗ ଗାଉନ୍: ହ୍ୱାଇଟ୍ ଲେସ୍ ଓ ରଫଲ୍‌କୁ ଭଲ ପାଉଥିବା ଡିଜାଇନର୍ ଭେରା ୱାଙ୍ଗ କିଛି ନୂଆ ଢଙ୍ଗରେ ଏହି ଗାଉନ୍‌କୁ ତିଆରି କରିବାକୁ ଚେଷ୍ଟା କରିଥିଲେ। ଶେଷରେ ସେ ସବୁ ୱେଡିଂ ଗାଉନ୍‌ଠାରୁ ଭିନ୍ନ ଓ ବେଶ୍ ଆକର୍ଷକ ଗାଉନ୍ ତିଆରି କଲେ। ଯେଉଁଥିରେ ସେ ଖଚିତ କଲେ ୨୦୦୦ରୁ ଊର୍ଦ୍ଧ୍ୱ ମୟୂର ପୁଚ୍ଛ। ଚାଇନା, ନାନଜିନ୍‌ସ୍ଥ ଏକ ୱେଡିଂ ଏକ୍ସପୋ ପାଇଁ ସେ ଏହାକୁ ତିଆରି କରିଥିଲେ। ୮ ଜଣ କାରିଗର ଲାଗିଥିଲେ ଏହି ଗାଉନ୍‌ରେ ମୟୂର ପୁଚ୍ଛ ସିଲେଇ କରିବା ପାଇଁ। ଏହି ଗାଉନ୍‌ର ମୂଲ୍ୟ ହେଉଛି ୨ ମିଲିୟନ୍ ଡଲାର୍।


ହାନି ଏଲ୍ ବିହେୟାରୀ ୱେଡିଂ ଗାଉନ୍


ରେଡ ଡାଇମଣ୍ଡ ଅବାୟା

## କଲମ ଜଣାଏ ବ୍ୟକ୍ତିତ୍ୱ

❖ ଯେଉଁ ବ୍ୟକ୍ତିମାନେ କଲମକୁ ନିଜ ତର୍ଜନୀ ଓ ମଧ୍ୟମା ଆଙ୍ଗୁଠି ମଧ୍ୟରେ ରଖି ଲେଖିଥାଆନ୍ତି, ଏହି ବ୍ୟକ୍ତିମାନଙ୍କ ହୃଦୟ ନିର୍ମଳ ଅଟେ। ଏମାନେ ଅଧିକ ସମୟ ଅନ୍ୟ ଉପରେ ରାଗି ରହିପାରନ୍ତି ନାହିଁ। ଅନ୍ୟମାନଙ୍କର ଦୋଷକୁ ଭୁଲି ଏମାନେ ଆଗକୁ ବଢ଼ିଥାଆନ୍ତି।

❖ ବହୁ ଲୋକେ ଲେଖିବା ସମୟରେ ବୁଢା ଆଙ୍ଗୁଠି ଅନ୍ୟ ଆଙ୍ଗୁଠିମାନଙ୍କୁ ସ୍ପର୍ଶ କରିଥାଏ। ଏହି ପ୍ରକାରର ବ୍ୟକ୍ତି ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇଥାଆନ୍ତି। ଏମାନଙ୍କ ମଧ୍ୟରେ ସର୍ବଦା କିଛି ପରିମାଣରେ ଏମାନଙ୍କ ଆତ୍ମୀୟମାନେ ଏମାନଙ୍କୁ ଠକିବାର ଭୟ ରହିଥାଏ।

❖ ବହୁ ଲୋକେ ବୁଢା ଆଙ୍ଗୁଠି ଉପରେ ଅନ୍ୟ ଆଙ୍ଗୁଠିମାନଙ୍କୁ ରଖି ଲେଖିଥାଆନ୍ତି। ଏଭଳି ବ୍ୟକ୍ତିମାନେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଆନ୍ତି। ଏମାନେ ସର୍ବଦା ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥାଆନ୍ତି। ନିଜ ମନର କଥା ସହଜରେ ଅନ୍ୟମାନଙ୍କୁ କହିନଥାଆନ୍ତି।

❖ ବହୁ ଲୋକେ ନିଜ ବୁଢ଼ା ଆଙ୍ଗୁଠି ଓ ତର୍ଜନୀ ଆଙ୍ଗୁଠି ମଧ୍ୟରେ କଲମ ଧରି ଲେଖିଥାଆନ୍ତି। ଏଭଳି ବ୍ୟକ୍ତିଙ୍କ ମଧ୍ୟରେ ବହୁତ କିଛି ନୂଆ ଜିନିଷ ଶିଖିବାର ଆଗ୍ରହ ସର୍ବଦା ରହିଥାଏ। ଏହି ପ୍ରକାରର ଲୋକେ ସଚ୍ଚୋଟ ଅଟନ୍ତି।

❖ ବହୁ ଲୋକେ ଲେଖିବା ସମୟରେ ବୁଢା ଆଙ୍ଗୁଠି ତର୍ଜନୀ ଆଙ୍ଗୁଠି ଉପରେ ଆସିଥାଏ। ବିଶେଷଜ୍ଞଙ୍କ ମତାନୁଯାୟୀ ଏଭଳି ବ୍ୟକ୍ତି ମଧ୍ୟରେ ବହୁ କଳା ରହିଥାଏ। ଛୋଟ ଛୋଟ କଥାରେ ଏଭଳି ବ୍ୟକ୍ତିମାନେ ରାଗି ଥାଆନ୍ତି ଓ ଖୁସି ମଧ୍ୟ ହୋଇଥାଆନ୍ତି। ଏମାନେ ପରିଶ୍ରମୀ ଅଟନ୍ତି। ମାତ୍ର ଏମାନଙ୍କ ଆତ୍ମବିଶ୍ୱାସ କମ୍ ରହିଥାଏ।

# ହିଂସ୍ର କୁକୁର



ସୁପ୍ରିମକୋର୍ଟ ବୁଲା କୁକୁର, ବିଶେଷକରି ପାଗଳ କିମ୍ବା ହିଂସ୍ର କୁକୁରଙ୍କ ମୁକାବିଲା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି କୁକୁରମାନଙ୍କୁ ବନ୍ଧ୍ୟାକରଣ, କୃମିନାଶକ ଏବଂ ଟିକାକରଣ ପରେ ସେହି ଅଞ୍ଚଳରେ ଫେରାଇ ଦେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ ଯଦି କୌଣସି କୁକୁର ପାଗଳ କିମ୍ବା ବିପଦପୂର୍ଣ୍ଣ ପ୍ରକୃତିର ବୋଲି ଜଣାପଡ଼େ, ତେବେ ତାକୁ ଫେରାଇ ଦିଆଯିବ ନାହିଁ । ଭାରତରେ ପାଗଳ କୁକୁରଙ୍କ ଚିହ୍ନଟ ପ୍ରକ୍ରିୟା ବୈଧାନିକ ବ୍ୟବସ୍ଥା, ପୌର ନିୟମ ଏବଂ ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯାଏ ।

ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମ ଅନୁଯାୟୀ, ରାବିଜ ସନ୍ଦେହରେ ଥିବା କୁକୁରମାନଙ୍କୁ ଚିହ୍ନଟ କରିବା, ଧରିବା ଏବଂ ଅଲଗା କରିବା ସମ୍ଭବ । ସ୍ଥାନୀୟ ଅଧିକାରୀମାନେ ନିୟମ ଅନୁଯାୟୀ ସେମାନଙ୍କ ସୂଚନା କିମ୍ବା ଯେକୌଣସି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ । ପାଗଳ କୁକୁରମାନଙ୍କୁ ସାଧାରଣତଃ ସେମାନଙ୍କ ଆଚରଣ ଏବଂ ଶାରୀରିକ ବୈଶିଷ୍ଟ୍ୟ ଆଧାରରେ ଚିହ୍ନଟ କରାଯାଏ । ଅଧିକାରୀ ଏବଂ ପ୍ରାଣୀଚିକିତ୍ସା ବିଶେଷଜ୍ଞମାନଙ୍କୁ ଏହି ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବା ପାଇଁ ତାଲିମ ଦିଆଯାଇଛି, ଯେପରିକି କୌଣସି ସ୍ପଷ୍ଟ କାରଣ ବିନା ଆକ୍ରମଣ ବୃଦ୍ଧି, ଭୁକିବାରେ ଅସୁବିଧା କିମ୍ବା ସ୍ୱରରେ ପରିବର୍ତ୍ତନ, ଅତ୍ୟଧିକ ଲାଳ କିମ୍ବା ମୁହଁରେ ଫେଣ, ସ୍ତବ୍ଧ କିମ୍ବା ଅସ୍ୱାଭାବିକ ଚାଲିବା, ପରିବେଶକୁ ଚିହ୍ନି ନ ପାରିବା, ପାଟି ଖୋଲିବା ଇତ୍ୟାଦି ।

ଯଦି କୌଣସି କୁକୁର ରେବିଜ ଲକ୍ଷଣ ଦେଖାଏ, ତେବେ ଏହାକୁ ଏକ ସ୍ୱତନ୍ତ୍ର ପ୍ୟାନେଲ ଦ୍ୱାରା ପରୀକ୍ଷା କରାଯିବା ଉଚିତ୍, ଯେଉଁଥିରେ ସ୍ଥାନୀୟ ପ୍ରଶାସନ ଦ୍ୱାରା ନିଯୁକ୍ତ ଜଣେ ପ୍ରାଣୀଚିକିତ୍ସକ ଏବଂ ପ୍ରାଣୀ କଲ୍ୟାଣ ସଂଗଠନର ପ୍ରତିନିଧି ସାମିଲ ଅଛନ୍ତି । ଯଦି ପ୍ୟାନେଲ ଅନୁଭବ କରେ ଯେ, କୁକୁରଟିରେ ରେବିଜ ହେବାର ସମ୍ଭାବନା ଅଛି, ତେବେ ଏହାକୁ ପୃଥକ୍ କରାଯିବା ଉଚିତ । ଏପରି ପରିସ୍ଥିତିରେ, କୁକୁରଟି ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ନଜର ରଖାଯାଏ । ଏପରି ପରିସ୍ଥିତିରେ, ରେବିଜ ସଂକ୍ରମିତ କୁକୁରଗୁଡ଼ିକଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଥାଏ ।

ହିଂସାତ୍ମକ କୁକୁର ବର୍ଗ, ଯାହା ପୂର୍ବରୁ ପ୍ରାଣୀ ଜନ୍ମ ନିୟନ୍ତ୍ରଣ ନିୟମରେ ଉଲ୍ଲେଖ ନ ଥିଲା, ବର୍ତ୍ତମାନ ସେହି କୁକୁରମାନଙ୍କ ପାଇଁ ପରିଭାଷିତ କରାଯାଇପାରିବ ଯେଉଁମାନେ ବାରମ୍ବାର କାମୁଡ଼ିବା ଘଟଣାରେ ଜଡ଼ିତ ହୁଅନ୍ତି କିମ୍ବା ନିରନ୍ତର ଏପରି ଆକ୍ରମଣାତ୍ମକ ପ୍ରଦର୍ଶନ କରନ୍ତି ଯାହା ଏକ ବିପଦ ସୃଷ୍ଟି କରେ । ପ୍ରକୃତରେ, କେବଳ ସେହି କୁକୁରମାନଙ୍କୁ ଆକ୍ରମଣାତ୍ମକ ବୋଲି ବିବେଚନା କରାଯାଏ ଯାହାର ଆକ୍ରମଣ ସାଧାରଣ କୁକୁରଙ୍କ ପ୍ରବୃତ୍ତିଠାରୁ ଭିନ୍ନ । ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଅଧିକାରୀଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଅନୁମତି ଦିଆଯିବ ନାହିଁ, ଯାହା ଦ୍ୱାରା ଅଧିକାରୀମାନେ କୌଣସି ବାଧା ବିନା ସେମାନଙ୍କର କାମ କରିପାରିବେ ।

# ବିରଳ ସାର୍କ

ପ୍ରାୟତଃ ସମୁଦ୍ରରେ ଏପରି କିଛି ଦେଖାଯାଏ ଯାହା କଳ୍ପନା କରିବା ମଧ୍ୟ କଷ୍ଟକର । ନିକଟରେ କୋଷ୍ଟାରିକାର ଜଣେ ମତ୍ସ୍ୟଜୀବୀ ଏପରି କିଛି ଦେଖିବାକୁ ପାଇଥିଲେ । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ପ୍ରକୃତରେ ଏହି ମତ୍ସ୍ୟଜୀବୀମାନେ ନିଜ ଜାଲରେ ଏକ ଅତ୍ୟନ୍ତ ବିରଳ ସାର୍କ ଧରିଥିଲେ । ଏହା କୌଣସି ସାଧାରଣ ସାର୍କ ନୁହେଁ ବରଂ ଏକ ଉଜ୍ଜ୍ୱଳ ନାରଙ୍ଗୀ ରଙ୍ଗର ସାର୍କ ଥିଲା । ଯାହାର ଆଖି କ୍ଷୀର ପରି ଧଳା ଥିଲା ଏବଂ ଏହା ଏକ ରହସ୍ୟମୟ ପ୍ରାଣୀ ପରି ଦେଖାଯାଉଥିଲା କାରଣ ପୂର୍ବରୁ କେହି ଏପରି ସାର୍କ ଦେଖି ନ ଥିଲେ ।

ବିଶେଷଜ୍ଞଙ୍କ ଅନୁସାରେ ଏହି ସାର୍କର ଅସାଧାରଣ ରଙ୍ଗ ଏବଂ ଆଖି ଏକ ବିରଳ ଜେନେଟିକ୍ ଅବସ୍ଥାର ଫଳାଫଳ । ପ୍ରକୃତରେ ଏହି ସାର୍କରେ ଦୁଇଟି ଭିନ୍ନ ଅବସ୍ଥାର ଲକ୍ଷଣ ଜାନ୍ଥିଜିମ ଏବଂ ଆଲବିନିଜମର ଦେଖାଯାଇଥିଲା । ଜାନ୍ଥିଜିମ ହେଉଛି ଏକ ଅବସ୍ଥା ଯେଉଁଥିରେ ଶରୀରରେ ହଳଦିଆ ରଙ୍ଗଦ୍ରବ୍ୟ ଅଧିକ ଗଠନ ହେବା ଆରମ୍ଭ କରେ । ଏହି କାରଣରୁ ପ୍ରାଣୀମାନଙ୍କର ରଙ୍ଗ ଗାଢ଼ ହଳଦିଆ କିମ୍ବା ନାରଙ୍ଗୀ ଦେଖାଯାଏ । ଏହି ଅବସ୍ଥା କିଛି ମାଛ, ପକ୍ଷୀ ଏବଂ ସରୀସୃପଙ୍କଠାରେ ଦେଖାଯାଏ । କିନ୍ତୁ ସାର୍କରେ ଏହାକୁ ଖୋଜିବା ପ୍ରାୟ ଅସମ୍ଭବ ବୋଲି ବିବେଚନା କରାଯାଏ । ଏହି କାରଣରୁ ଏହି ଆବିଷ୍କାର ବୈଜ୍ଞାନିକ ସମ୍ପ୍ରଦାୟ ପାଇଁ ଏକ ଚମତ୍କାରଠାରୁ କମ ନୁହେଁ ।

ଏହି ସାର୍କର ଧଳା ଆଖି ସୂଚାଇ ଦିଏ ଯେ, ଏଥିରେ ଆଲବିନଜିମ୍ ମଧ୍ୟ ଅଛି । ଏହା ଏକ ବିରଳ ଜେନେଟିକ ଅବସ୍ଥା ଯେଉଁଥିରେ ଶରୀରରେ ମେଲାନିନ ନାମକ ଏକ ରଞ୍ଜକ ଉତ୍ପାଦିତ ହୁଏ ନାହିଁ । ମେଲାନିନ ଚର୍ମ, କେଶ, ଆବରଣ ଏବଂ ଆଖିକୁ କଳା, ମାଟିଆ, ଲାଲ କିମ୍ବା ଗାଢ଼ ରଙ୍ଗ ଦେଇଥାଏ । ଯେତେବେଳେ ଏହି ରଞ୍ଜକ ଗଠନ ହୁଏ ନାହିଁ, ସେତେବେଳେ ଶରୀର ଏବଂ ଆଖି ଧଳା କିମ୍ବା ହାଲୁକା ଦେଖାଯାଏ । ସାମୁଦ୍ରିକ ପ୍ରାଣୀମାନଙ୍କରେ ଆଲବିନିଜିମ୍ ବହୁତ କମ ଦେଖାଯାଏ, ତେଣୁ ଏହି ଆବିଷ୍କାର ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ।

ବୈଜ୍ଞାନିକମାନେ କହିଛନ୍ତି, ଗୋଟିଏ ପ୍ରଜାତିରେ ଜାନ୍ଥିଜିମ ଏବଂ ଆଲବିନିଜିମ୍ ଏକକାଳୀନ ଦେଖାଯିବା ବହୁତ ବିରଳ । ଏହି ଘଟଣା ବୋଧହୁଏ ପ୍ରଥମ ଥର ଯେତେବେଳେ ସମାନ ସାର୍କରେ ଉଭୟ ଅବସ୍ଥାର ଗୁଣ ମିଳିଛି । ଏହା ପୂର୍ବର ୨୦୨୩ରେ ଏକ ନବ ବିବାହିତ ଦମ୍ପତି ଏକ ଧଳା ଡଲଫିନ (ଆଲବିନୋ ଡଲଫିନ) ଦେଖିଥିଲେ, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ଆପଣଙ୍କୁ ଜଣାଇ ଦେଉଛୁ ଯେ ଏତେ ଅସାଧାରଣ ରଙ୍ଗ ଏବଂ ରୂପ ଥିବା ପ୍ରାଣୀମାନଙ୍କ ପାଇଁ ସମୁଦ୍ରରେ ବଞ୍ଚିବା ସହଜ ନୁହେଁ । ସେମାନଙ୍କର ଉଜ୍ଜ୍ୱଳ ରଙ୍ଗ ସେମାନଙ୍କୁ ତୁରନ୍ତ ସ୍ପଷ୍ଟ କରିଦିଏ । ଶିକାରୀମାନେ ସେମାନଙ୍କୁ ସହଜରେ ଟାର୍ଗେଟ କରିପାରିବେ ଏବଂ ଶିକାର ସେମାନଙ୍କୁ ଦୂରରୁ ଦେଖୁଥିବାରୁ ସେମାନଙ୍କର ଶିକାର ଧରିବାରେ ମଧ୍ୟ ଅସୁବିଧା ହୁଏ ।

ଏହି କାରଣରୁ ଏପରି ସାର୍କର ବଞ୍ଚିବା ଏକ ଚମତ୍କାରଠାରୁ କମ୍ ନୁହେଁ । ଏହି କମଳା ରଙ୍ଗର ସାର୍କ କେବଳ ଜଣେ ମତ୍ସ୍ୟଜୀବୀଙ୍କ ପାଇଁ ଜୀବନର ଏକ ଅଭିଜ୍ଞତା ନୁହେଁ, ବରଂ ବିଜ୍ଞାନ ପାଇଁ ଏକ ମହାନ ଆବିଷ୍କାର । ଏହିପରି ପ୍ରାଣୀମାନେ ସାମୁଦ୍ରିକ ଜୈବ ବିବିଧତାକୁ ଅଧିକ ଗଭୀର ଭାବରେ ବୁଝିବାରେ ସାହାଯ୍ୟ କରନ୍ତି ଏବଂ କୁହନ୍ତି ଯେ, ପ୍ରକୃତି କିପରି ଅନନ୍ୟ ରୂପରେ ଜୀବନ ସୃଷ୍ଟି କରେ ।




# ରକ୍ତଚାପ ନିୟନ୍ତ୍ରଣ

ରକ୍ତନଳୀରେ ରକ୍ତ ପ୍ରବାହର ଅସ୍ୱାସ୍ଥ୍ୟକର ବୃଦ୍ଧି ଉଚ୍ଚ ରକ୍ତଚାପର କାରଣ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରତ୍ୟେକ ୫ ଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଉଚ୍ଚ ରକ୍ତଚାପଜନିତ ସମସ୍ୟାରେ ପୀଡ଼ିତ । ଏହି ସମସ୍ୟା ପାଇଁ ବିଶ୍ୱରେ ୯.୪ ମିଲିୟନ୍ ବ୍ୟକ୍ତିଙ୍କ ମୃତ୍ୟୁ ହୋଇସାରିଲାଣି । ଜିନ୍, ପରିବେଶ, ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା, ହରମୋନ୍ ଅସନ୍ତୁଳନ ଏବଂ ଶାରୀରିକ ନିଷ୍କ୍ରିୟତା ସହିତ ଅନେକ ଉଚ୍ଚ ରକ୍ତଚାପର କାରଣ ବନିଥାନ୍ତି । ଛାତି ଯନ୍ତ୍ରଣା, ମୁଣ୍ଡବିନ୍ଧା, ଛୋଟ ନିଃଶ୍ୱାସ ଆଦି ରକ୍ତଚାପର ଲକ୍ଷଣ ହୋଇଥାଏ ।

❒ ଉଚ୍ଚ ରକ୍ତଚାପର ମୁକାବିଲା ପାଇଁ ସୁସ୍ଥ ଖାଦ୍ୟ ସହିତ ଏକ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ରହିଛି । ପନିପରିବା, ଫଳ, ପ୍ରୋଟିନ୍ ଏବଂ ଶସ୍ୟ ଅନ୍ତର୍ଭୁକ୍ତ ଖାଦ୍ୟ ଖାଇଲେ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ ।

❒ ଯଦି ଆପଣଙ୍କର ମଦ୍ୟପାନ, ଧୂମପାନ କିମ୍ବା ଅନ୍ୟ କୌଣସି ନିଶା ଅଭ୍ୟାସ ଅଛି ତେବେ ଏହାକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ିବାକୁ ହେବ । ନିଶା ସେବନ ରକ୍ତଚାପର ପ୍ରମୁଖ କାରଣ ହୋଇଥାଏ ।




❒ ମାନସିକ ଚାପ ମଧ୍ୟ ରକ୍ତଚାପର କାରଣ ହୋଇଥାଏ । ଯେତେ ପାରୁଛନ୍ତି ଚିନ୍ତା କରିବା ତ୍ୟାଗ କରନ୍ତୁ । ଯେତେ ଅଧିକ ଚିନ୍ତା କରିବେ ସେତେ ଅଧିକ ଦୁର୍ବଳ ହୋଇପଡ଼ିବେ ।

❒ ନିୟମିତ ବ୍ୟାୟାମ କରିବା ଦ୍ୱାରା ମଧ୍ୟ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ । ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ବ୍ୟାୟାମକୁ ଆପଣଙ୍କ ନିତିଦିନିଆ କାର୍ଯ୍ୟ ତାଲିକାରେ ସାମିଲ୍ କରନ୍ତୁ ।

# ମଦ୍ୟପାନ ଭଳି କ୍ଷତିକାରକ ରିଲ୍ସ

ଇନଷ୍ଟାଗ୍ରାମ ରିଲ୍ସ, ଟିକ୍‌ଟକ୍ କିମ୍ବା ୟୁଟ୍ୟୁବ୍ ସର୍ଟସ୍ ସ୍କ୍ରୋଲିଂ ସମୟ କାଟିବାର ଏକ ସାଧାରଣ ମନେହୁଏ, କିନ୍ତୁ ନ୍ୟୁରୋସାଇଣ୍ଟିଷ୍ଟ୍‌ମାନେ ଚେତାବନୀ ଦେଇଛନ୍ତି ଯେ ଏହା ମସ୍ତିଷ୍କ ଉପରେ ମଦ ପିଇବା ସଦୃଶ କ୍ଷତିକାରକ ପ୍ରଭାବ ପକାଇପାରେ । ନ୍ୟୁରୋଇମେଜ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ତିଆନଜିନ ନର୍ମାଲ ବିଶ୍ୱବିଦ୍ୟାଳୟର ପ୍ରଫେସର କିଆଙ୍ଗ ୱାଙ୍ଗ କହିଛନ୍ତି, ଅତ୍ୟଧିକ ସର୍ଟ-ଫର୍ମ ଭିଡିଓ ଦେଖୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କରେ ରିୱାର୍ଡ ପାଥୱେରେ ଅଧିକ କାର୍ଯ୍ୟକଳାପ ଦେଖାଯାଏ, ଯାହା ମଦ କିମ୍ବା ଜୁଆ ଭଳି ନିଶା ସମୟରେ ହୁଏ । ଚାଇନାରେ ବ୍ୟବହାରକାରୀମାନେ ଦୈନିକ ହାରାହାରି ୧୫୧ ମିନିଟ୍ ଏହି ଭିଡିଓ ଦେଖନ୍ତି, ଯାହା ଧ୍ୟାନ, ନିଦ୍ରା ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଡିପ୍ରେସନ୍ ଆଦି ବୃଦ୍ଧି କରେ । ଫରିଦାବାଦର ମାରେଙ୍ଗୋ ଏସିଆ ହସ୍ପିଟାଲର ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡ. କୁନାଲ ବାହରାନୀ କହିଛନ୍ତି, ସର୍ଟ ଭିଡିଓ ଦେଖିବା ମସ୍ତିଷ୍କରେ ଡୋପାମାଇନ ସ୍ତର ବୃଦ୍ଧି କରେ, ଯାହା ଆନନ୍ଦ ଓ ପୁରସ୍କାର ଅନୁଭବ କରାଏ । ଏହା ଅତ୍ୟଧିକ ହେଲେ ମସ୍ତିଷ୍କର ରିୱାର୍ଡ ସିଷ୍ଟମକୁ 'ହାଇଜାକ' କରି ନିଶାରେ ପରିଣତ ହୁଏ । ଏହା ପ୍ରିଫ୍ରଣ୍ଟାଲ କର୍ଟେକ୍ସକୁ ସଙ୍କୁଚିତ କରି ଧ୍ୟାନ, ଆତ୍ମନିୟନ୍ତ୍ରଣ ଓ ନିଷ୍ପତ୍ତି ଗ୍ରହଣ କ୍ଷମତାକୁ ଦୁର୍ବଳ କରେ । ରାତିରେ ଅତ୍ୟଧିକ ସ୍କ୍ରୋଲିଂ ହିପୋକାମ୍ପସକୁ ପ୍ରଭାବିତ କରି ସ୍ମୃତି ଓ ଶିକ୍ଷଣ କ୍ଷମତା ହ୍ରାସ କରେ । ଡ. ବାହରାନୀ ପରାମର୍ଶ ଦେଇଛନ୍ତି ଯେ, ଦୈନିକ ୨-୩ ଘଣ୍ଟାରୁ ଅଧିକ ସ୍କ୍ରିନ ଟାଇମ ମସ୍ତିଷ୍କ ପାଇଁ 'ଡିଜିଟାଲ ଇଣ୍ଟକ୍ସିକେସନ୍' ସୃଷ୍ଟି କରିପାରେ, ଯାହା ଦୀର୍ଘକାଳୀନ ଭାବେ 'ଡିଜିଟାଲ ଡିମେନ୍ସିଆ'ରେ ପରିଣତ ହୋଇପାରେ । ସୀମିତ ବ୍ୟବହାର ଓ ମଧ୍ୟମ ପନ୍ଥା ଅବଲମ୍ବନ ଏହି ନିଶାରୁ ରକ୍ଷା ପାଇଁ ଜରୁରୀ ।







# ଜିରୋ ଉପତ୍ୟକା

**ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜିରୋ ଉପତ୍ୟକା ହେଉଛି ଅରୁଣାଚଳ ପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଓ ପ୍ରକୃତିକୁ ଭଲ ପାଉଥିବା ତଥା ଫଟୋ ଉଠାଇବାକୁ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ଭୁଲ୍ ହେବ ନାହିଁ।**

ଅରୁଣାଚଳ ପ୍ରଦେଶର ଲୋୟର୍ ସୁବାନସିରି ଜିଲ୍ଲାରେ ଅବସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଜିରୋ ଉପତ୍ୟକା। ଏହା ଏକ ସୁନ୍ଦର ତଥା ପୁରୁଣା ସହର ମଧ୍ୟ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ଆକର୍ଷଣୀୟ ଯେ, ଦେଖିଲେ ନିମିଷକରେ କାହାର ବି ଆଖି ଲାଖିଯିବ। ଏହି ଅଞ୍ଚଳରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାର ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅପାତିନି ଜନଜାତି ହେଉଛନ୍ତି ଅନ୍ୟତମ।

### ଭୌଗୋଳିକ ଅବସ୍ଥିତି

୫୫୩୮ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଉପତ୍ୟକାଟି ଅରୁଣାଚଳ ପ୍ରଦେଶର ଅନ୍ୟତମ ଲୋକପ୍ରିୟ ତଥା ପୁରୁଣା ସହର ଭାବେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି; ଯାହା ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୧୧୫ କି.ମି ଦୂରରେ ଅବସ୍ଥିତ।

### ଅର୍ଥନୀତି

ଏଠାରେ ଧାନ ଓ ମାଛ ଚାଷ ଭଲ ହୋଇଥାଏ ବୋଲି ସୂଚନା ରହିଛି। ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ମୁଖ୍ୟତଃ ମାଛ ଚାଷ କରି ନିଜ ରୋଜଗାର ମେଣ୍ଟାଇଥାନ୍ତି। ବିଶେଷକରି ଅପାତିନି ଜନଜାତିର ଲୋକେ ଏଠାରେ ଧାନ ଚାଷ କରି ନିଜ ଗୁଜୁରାଣ ମେଣ୍ଟାଇବାକୁ ପସନ୍ଦ କରିଥାନ୍ତି। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାରେ ଭଲ ରୋଜଗାର ହୋଇଥାଏ।

### ପର୍ଯ୍ୟଟନ

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂର ଏହି ସ୍ଥାନରେ ଶାନ୍ତିରେ କିଛି ମୁହୂର୍ତ୍ତ ବିତାଇବା ପାଇଁ ପ୍ରାୟତଃ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ପ୍ରକୃତିର ଅପୂର୍ବ ଶୋଭା ସାଙ୍ଗକୁ ଧାନ ଓ ମାଛ ଚାଷ ଦେଖିବାର ମଜା ଏଠି ବେଶ୍ ନିଆରା ଲାଗିଥାଏ। ତା'ଛଡ଼ା ଏଠାକାର ପାହାଡ଼ି ଅଞ୍ଚଳରେ ଟ୍ରେନିଂ କରିବାରେ ବି ଥାଏ ଏକ ଅପୂର୍ବ ଆନନ୍ଦ। କେବଳ ସେତିକି ନୁହେଁ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟମାନଙ୍କର ପର୍ବପର୍ବାଣୀ, ଖାଦ୍ୟପେୟ ତଥା ପୋଷାକ ଆଦି ବିଷୟରେ ଜାଣିବାର ଅନେକ ସୁଯୋଗ ବି ଏଠାରେ ମିଳିଥାଏ।

### ଆଉ କ'ଣ ଦେଖିବେ

ଜିରୋ ଉପତ୍ୟକା ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି। ଯେମିତିକି ଟେଲି ବେଲି ବନ୍ୟପ୍ରାଣୀ ଅଭୟାରଣ୍ୟ, ତାରିନ୍ ଫିଶ୍ ଫାର୍ମ, ଟିପ୍ପି ଅର୍କିଡ୍ ରିସର୍ଚ୍ଚ ସେଣ୍ଟର, ଜିରୋ ପୁତୁ, ପାକୋ ଘାଟି, ତାଲେ ଭ୍ୟାଲି, ମେଘନା ଗୁମ୍ଫା ମନ୍ଦିର ଇତ୍ୟାଦି ପ୍ରମୁଖ। କେବଳ ଏତିକି ନୁହେଁ ଏଠାରେ ଥିବା ଛୋଟ ବଡ଼ ଆଧ୍ୟାତ୍ମିକ ପୀଠ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ।

### ଟ୍ରେକିଂର ମଜା ନିଆରା

ଏଠାରେ ଟ୍ରେକିଂ ସହିତ ଆଖପାଖ ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲିଆ ପରିବେଶରେ ଚାଲିଚାଲି ବୁଲିବାରେ ଥାଏ ନିଆରା ଆକର୍ଷଣ।

### କେବେ ଓ କେମିତି ଯିବେ

ଜିରୋ ଉପତ୍ୟକାକୁ ଯିବାପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବେଶ୍ ଭଲ ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ଉପତ୍ୟକାରେ ପହଁଞ୍ଚିପାରିବେ। ତା'ଛଡ଼ା ଏଠାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯିବାର ସୁବିଧା ରହିଛି। ତେବେ ଯଦି କୌଣସି ପର୍ଯ୍ୟଟକ ବର୍ଷାଦିନେ ଏଠାକୁ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି, ତା'ହେଲେ ତାଙ୍କୁ ଟିକେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। କାରଣ ଏଠାରେ ଥିବା ପାହାଡ଼ିଆ ଅଞ୍ଚଳରେ ବୁଲିଲା ବେଳେ ଅସାବଧାନତା ହେଲେ ଗୋଡ଼ ଖସିଯିବାର ସମ୍ଭାବନା ରହିଥାଏ।



## ପିତୃପୁରୁଷଙ୍କ ସ୍ୱରୂପ କୁଆ

କୁଆକୁ ପିତୃପୁରୁଷଙ୍କ ସ୍ୱରୂପ ବୋଲି କୁହାଯାଇଥାଏ। କୁଆକୁ ଖାଇବାକୁ ଦେଲେ ପିତୃପୁରୁଷ ପ୍ରସନ୍ନ ହୋଇଥାନ୍ତି। ତେବେ ମନରେ ପ୍ରଶ୍ନ ଆସେ କ'ଣ ସତରେ କୁଆକୁ ଖାଇବାକୁ ଦେଲେ ପୂର୍ବପୁରୁଷ ପ୍ରସନ୍ନ ହୋଇଥାନ୍ତି। କ'ଣ ପାଇଁ କୁଆକୁ ଆମ ପିତୃପୁରୁଷ କୁହାଯାଏ। ତେବେ ଜାଣିବା ଏହି ବିଷୟରେ।

ଶ୍ରାଦ୍ଧ ପକ୍ଷରେ ପୂର୍ବପୁରୁଷଙ୍କୁ ପିଣ୍ଡ ଦାନ କରିବା ସହିତ ବ୍ରାହ୍ମଣ, ଗାଇ, କୁକୁର ଓ କୁଆକୁ ଭୋଜନ ଦିଆଯାଇଥାଏ। ଗାଈଙ୍କ ଦେହରେ ୩୩ କୋଟି ଦେବୀ ଦେବତା ବାସ କରିଥାନ୍ତି। ଗାଈକୁ ଆମେ ମା' ଭାବେ ପୂଜା କରିଥାଉ। କୁକୁର ଓ କୁଆକୁ ଆମ ପିତୃପୁରୁଷ ବୋଲି କୁହାଯାଏ। ତେଣୁ ତାଙ୍କୁ ପିତୃପକ୍ଷରେ ଖାଇବାକୁ ଦେବା ବିଧି ରହିଛି। ସନାତନ ଧର୍ମରେ କୁଆକୁ ଦେବପୁତ୍ର କୁହାଯାଇଛି। ପୁରାଣ କଥା ଅନୁସାରେ ଦେବରାଜ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ କୁଆ ରୂପ ଧାରଣ କରି ମାତା ସୀତାଙ୍କ ପାଦକୁ ଆଘାତ ଦେଇଥିଲେ। ପ୍ରଭୁ ଶ୍ରୀରାମ ଏହା ଦେଖି ବ୍ରହ୍ମାସ୍ତ୍ରରେ ଜୟନ୍ତଙ୍କ ଆଖିକୁ ଆଘାତ ଦେଇଥିଲେ ଜୟନ୍ତ ନିଜ କର୍ମ ପାଇଁ ପ୍ରଭୁ ଶ୍ରୀରାମଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଏଥିରେ ରାମଜୀ ଜୟନ୍ତଙ୍କୁ ବରଦାନ ଦେଇଥିଲେ ତୁମକୁ ଅର୍ପଣ କରାଯାଇଥିବା ଖାଦ୍ୟ ପିତୃପୁରୁଷଙ୍କୁ ମିଳିବ। ସେହି ଦିନରୁ ପିତୃପକ୍ଷରେ କୁଆକୁ ଖାଇବାକୁ ଦେବାର ବିଧି ରହିଛି।

ଘର ପାଖରେ ଫୁଲ କିମ୍ବା ପତ୍ର ଥଣ୍ଟରେ ନେଇ କୁଆ ବସିଥିବାର ଦେଖାଗଲେ ତାହା ଅତି ଶୁଭ ହୋଇଥାଏ। ଏହାର ଅର୍ଥ ଆପଣଙ୍କ ସମସ୍ତ ମନସ୍କାମନା ଖୁବଶୀଘ୍ର ପୂରଣ ହେବାକୁ ଯାଉଛି। ଯଦି କୁଆ ଗାଈ ପିଠିକୁ ଖୁମ୍ପୁଥିବାର ଦେଖୁଛନ୍ତି ତେବେ ଆପଣଙ୍କୁ ଉତ୍ତମ ଭୋଜନ ପ୍ରାପ୍ତିର ସୁଯୋଗ ରହିଛି। କୁଆ ଥଣ୍ଟରେ ଶୁଖିଲା କାଠି ନେଉଥିବାରୁ ଦେଖିଲେ ଧାନ ଲାଭ ହୋଇଥାଏ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ

## 'କୃତୀ ଖେଳାଳି ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ'

**ଭୁବନେଶ୍ୱର:** ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୂହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ। ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କ ସାହସ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ଓଡ଼ିଶାର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ ଏବଂ ନିର୍ଭୀକତା ଓ ମାନବତାର ସହିତ ସେବା କରିବା ପାଇଁ ଅଗଣିତ ଯୁବ ହୃଦୟକୁ ପ୍ରେରଣା ଦେଇ ଚାଲିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ୮ ଜଣ କୃତୀ କ୍ରୀଡ଼ାବିତଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଜୀବନ ବ୍ୟାପୀ ସାଧନା କ୍ଷେତ୍ରରେ ବିଜୟ କୁମାର ଶତପଥୀ (ୱେଟ୍ ଲିଫ୍ଟିଂ), କ୍ରୀଡ଼ାରେ



ଆଉଟ ଷ୍ଟାଣ୍ଡିଂ ପରଫରମାନ୍ସରେ ଅନିମେଶ କୁଜୁର( ଆଥଲେଟିକ୍ସ), ପ୍ରଶିକ୍ଷଣ କ୍ଷେତ୍ରରେ ସୁଷମା ନନ୍ଦ (ଭଲିବଲ୍), କ୍ରୀଡାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରଦ୍ୟୁମ୍ନ ମିଶ୍ର (ଖୋଖୋ), କ୍ରୀଡା ସାମ୍ବାଦିକତାରେ ଉତ୍କର୍ଷତା ଲାଗି ବିମଳ କୁମାର ରାଉଳ (ପ୍ରମେୟ), ଶ୍ରେଷ୍ଠ ପାରା ସ୍ପୋର୍ଟସ ପର୍ସନ ଭାବେ ରାଖାଲ କୁମାର ସେଠୀ ( ପାରା ଫେନସିଂ), ଜନିଷ୍ଠ କ୍ରୀଡ଼ାବିତ ଭାବେ ମାଷ୍ଟର ଏସ୍ ସ୍ୱାଇଁ (ଚେସ୍), ଶ୍ରେଷ୍ଠ କ୍ରୀଡ଼ା ଟେକ୍ନିକାଲ ଅଫିସିଆଲ ଭାବେ ଡ. ସୁଦୀପ ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ଜୀବନ କୁମାର ବେହେରା ଏବଂ ଚିତ୍ତରଞ୍ଜନ ପ୍ରଧାନଙ୍କୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ସମାରୋହରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କରି ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ ଯେଉଁ ପିଲାମାନେ କ୍ରୀଡ଼ା କ୍ଷେତ୍ର କୁ ଆସୁଛନ୍ତି ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ ହେବା ଉଚିତ। ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱପାଇଁ କ୍ରୀଡା ଉତ୍କର୍ଷତାର ଉଜ୍ଜ୍ୱଳ ବତୀଘର କରିବା ନିମନ୍ତେ ପ୍ରୟାସ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ କ୍ରୀଡା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆ ଯାଉଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏତଦ୍ ବ୍ୟତୀତ ଓଡ଼ିଶା କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଇଭେଣ୍ଟ ଆୟୋଜନ କରି ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ୍ ଦେଇଥିଲେ।

# ରାଜୀବ ଶୁକ୍ଳା ବିସିସିଆଇ କାର୍ଯ୍ୟବାହକ ସଭାପତି

ମୁମ୍ବାଇ: ପୂର୍ବତନ ଭାରତୀୟ କ୍ରିକେଟର୍ ରୋଜର୍ ବିନ୍ନି ବିସିସିଆଇ ସଭାପତି ପଦ ଛାଡ଼ିଛନ୍ତି। ରିପୋର୍ଟ ଅନୁସାରେ ବୋର୍ଡର ଉପସଭାପତି ରାଜୀବ ଶୁକ୍ଳାଙ୍କୁ କାର୍ଯ୍ୟବାହକ ସଭାପତି କରାଯାଇଛି। ଏହା ପୂର୍ବରୁ ୬୫ ବର୍ଷୀୟ ଶୁକ୍ଳା ବିସିସିଆଇ ଉପସଭାପତି ଥିଲେ। ଇତିମଧ୍ୟରେ ରୋଜର୍ ବିନ୍ନିଙ୍କୁ ଜୁଲାଇ ୧୯ ତାରିଖରେ ୭୦ ବର୍ଷ ବୟସ ହୋଇଯାଇଥିଲା। ବିସିସିଆଇ ନିୟମ ଅନୁସାରେ କୌଣସି ପଦାଧିକାରୀଙ୍କୁ ୭୦ ବର୍ଷ ବୟସ ପରେ ନିଜ ପଦ ଛାଡ଼ିବାକୁ ପଡ଼ିଥାଏ। ଫଳରେ ରୋଜର୍ ବିନ୍ନି ପଦରେ ରହିବା ପାଇଁ ଅଯୋଗ୍ୟ ହୋଇଥିଲେ। ସେ ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ସଭାପତି ପଦ ସମ୍ଭାଳିଥିଲେ। ରିପୋର୍ଟ ଅନୁସାରେ ନୂଆ ସଭାପତି ନିର୍ବାଚନ ପର୍ଯ୍ୟନ୍ତ ରାଜୀବ ଶୁକ୍ଳା କିଛିମାସ ପାଇଁ କାର୍ଯ୍ୟବାହକ ସଭାପତି ଭାବେ କାର୍ଯ୍ୟ କରିବେ। ଶୁକ୍ଳା ୨୦୨୦ରୁ ବିସିସିଆଇ ଉପସଭାପତି ପଦରେ କାମ କରୁଛନ୍ତି।

ବିନ୍ନି ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଟିମ୍‌ର ସଦସ୍ୟ ଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ମୋଟ ୧୮ ୱିକେଟ୍ ନେଇ ସର୍ବାଧିକ ୱିକେଟ୍ ହାସଲକାରୀ ଖେଳାଳି ଥିଲେ। ୧୯୭୯ରୁ ୧୯୮୭ ପର୍ଯ୍ୟନ୍ତ ବିନ୍ନି ଭାରତ ପକ୍ଷରୁ ୨୭ ଟେଷ୍ଟ ଏବଂ ୭୨ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ କ୍ୟାରିୟରରେ ୪୭ ୱିକେଟ୍ ଏବଂ ଦିନିକିଆରେ ୭୭ ୱିକେଟ୍ ତାଙ୍କ ନାମରେ ରହିଛି। ଅବସର ପରେ ବିନ୍ନି ଭାରତୀୟ କ୍ରିକେଟ୍‌ରେ ବହୁ ପଦ ସମ୍ଭାଳିଥିଲେ। ୨୦୦୦ରେ ସେ ଭାରତୀୟ ଅଣ୍ଡର-୧୯ ଟିମ୍‌ର କୋଚ୍ ଭାବେ ବିଶ୍ୱକପ୍ ଜିତାଇଥିଲେ। ଏହାପରେ ୨୦୦୭ରେ ବିନ୍ନି ପଶ୍ଚିମବଙ୍ଗ ଟିମ୍‌ର ମୁଖ୍ୟ କୋଚ୍ ହୋଇଥିଲେ।

# ହକି ଏସିଆ କପ୍‌ରେ ଭାରତର ବିଜୟୀ ଅଭିଯାନ

ରାଜଗିରି: ହକି ଏସିଆ କପ୍ ୨୦୨୫ରେ ଆୟୋଜକ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିହାରର ରାଜଗିରିରେ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟର ପୁଲ୍-ଏ' ମ୍ୟାଚରେ ଭାରତ ୪-୩ ଗୋଲ୍‌ରେ ଚୀନ୍‌କୁ ହରାଇ ଦେଇଛି। କ୍ୟାପଟେନ୍ ହରମନ୍‌ପ୍ରୀତ୍ ସିଂହ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେ ମ୍ୟାଚ୍‌ର ୨୦ତମ, ୩୩ତମ ଏବଂ ୪୭ତମ ମିନିଟ୍‌ରେ ଗୋଲ୍ ସ୍କୋର୍ କରିଥିଲେ। ଭାରତ ପକ୍ଷରୁ ପ୍ରଥମ ଗୋଲ୍ ଦ୍ୱିତୀୟ କ୍ୱାର୍ଟର୍‌ରେ ଗୁଜରାଜ ସିଂହ ପେନାଲ୍ଟି କର୍ଣ୍ଣର୍‌ରୁ କରିଥିଲେ। ଚୀନ୍ ପକ୍ଷରୁ ଡୁ ଶିହାଓ ପ୍ରଥମ, ଚେନ୍ ବେନ୍ହାଇଁ ଦ୍ୱିତୀୟ ଏବଂ ଗାଓ ଜିଶେଙ୍ଗ୍ ଗୋଲ୍ ଦେଇଥିଲେ। ମ୍ୟାଚ୍‌ରେ ମୋଟ ୭ ପେନାଲ୍ଟି କର୍ଣ୍ଣର୍ ହୋଇଥିଲା।

ମ୍ୟାଚ୍‌ର ଆରମ୍ଭରୁ ହିଁ ଭାରତ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ଟିମ୍‌କୁ ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଏହାକୁ ଗୋଲ୍‌ରେ ପରିବର୍ତ୍ତନ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ। ତେବେ ଚୀନ୍ ୧୩ଶ ମିନିଟ୍‌ର ମ୍ୟାଚ୍‌ର ପ୍ରଥମ ଗୋଲ୍ କରିଥିଲା। ଡୁ ଶିହାଓ ପେନାଲ୍ଟି କର୍ଣ୍ଣର୍‌ରେ ଚମତ୍କାର ଲୋ ଡ୍ରାଗ୍-ଫ୍ଲିକ୍ ଜରିଆରେ ଗୋଲ୍ ଦେଇଥିଲେ। ଏହା ଭାରତୀୟ ଡିଫେଣ୍ଡରଙ୍କର ଷ୍ଟିକ୍‌ରେ ଲାଗି ଗୋଲ୍ ପୋଷ୍ଟ ଭିତରକୁ ଚାଲିଯାଇଥିଲା। ଦ୍ୱିତୀୟ କ୍ୱାର୍ଟର୍ ଆରମ୍ଭରେ ୧୮ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ଚମତ୍କାର ଡ୍ରାଗ୍-ଫ୍ଲିକ୍ ଜରିଆରେ ଗୁଜରାଟ ସିଂହ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ଦୁଇ ମିନିଟ୍ ପରେ କ୍ୟାପଟେନ୍ ହରମନପ୍ରୀତ୍ ସିଂହ ଆକର୍ଷଣୀୟ ଡ୍ରାଗ୍-ଫ୍ଲିକ୍ ଲଗାଇ ଭାରତକୁ ଆଗୁଆ କରିଥିଲେ। ମ୍ୟାଚ୍‌ର ୩୩ତମ ମିନିଟ୍‌ରେ ରାଜିନ୍ଦର ସିଂହଙ୍କ ମୁଭ୍ ଜରିଆରେ ଭାରତକୁ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ହରମନ୍‌ପ୍ରୀତ୍‌ଙ୍କ ଶଟ୍ ସିଧା ଚୀନା ଗୋଲ୍‌କିପରଙ୍କ ସହ ବାଜି ରିବାଉଣ୍ଡ ହୋଇ ଗୋଲ୍ ପୋଷ୍ଟ ଭିତରକୁ ଚାଲିଯାଇଥିଲା। ହରମନ୍‌ପ୍ରୀତ୍‌ଙ୍କ ଏହା ଦ୍ୱିତୀୟ ଗୋଲ୍ ଥିଲା ଏବଂ ଭାରତ ୩-୧ରେ ଆଗୁଆ ହୋଇଥିଲା। ତୃତୀୟ କ୍ୱାର୍ଟର୍‌ରେ ଚୀନ୍ ପ୍ରତ୍ୟାବର୍ତ୍ତନ କରିଥିଲା। ଟିମ୍ ଆକ୍ରମଣାତ୍ମକ ହକି ଖେଳିବା ସହ ସୁଯୋଗ ସୃଷ୍ଟିକରି ଗୋଲ୍‌ରେ ପରିବର୍ତ୍ତନ କରିଥିଲା। ଭାରତୀୟ ଡିଫେନ୍ସ ଏବଂ ଗୋଲ୍‌କିପର୍‌ଙ୍କୁ ପ୍ରତିହତ କରି ଏହି କ୍ୱାର୍ଟର୍‌ରେ ଚୀନ୍ ଦୁଇଟି ଗୋଲ୍ ଦେଇଥିଲା। ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନ୍‌ପ୍ରୀତ୍‌ଙ୍କ ଜୋରଦାର ଶଟ୍ ସିଧା ଗୋଲପୋଷ୍ଟରେ ବାଜି ବାହାରକୁ ଚାଲିଯାଇଥିଲା। ୪୨ତମ ମିନିଟ୍‌ରେ ଚୀନ୍‌କୁ ଲଗାତାର ପେନାଲ୍ଟି ମିଳିଥିଲା ଏବଂ ଦ୍ୱିତୀୟ ଥର ଗାଓ ଜିଏଶେଙ୍ଗଙ୍କ ଜୋରଦାର ଡ୍ରାଗ୍ ଫ୍ଲିକ୍ ଭାରତୀୟ ଗୋଲ୍‌କିପର୍ କୃଷ୍ଣ ପାଠକଙ୍କ ଗୋଡ଼ରେ ବାଜି ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଚତୁର୍ଥ କ୍ୱାର୍ଟର୍‌ର ଆରମ୍ଭରେ ହିଁ ୪୭ତମ ମିନିଟ୍‌ରେ ଏରିୟଲ ବଲ୍ ଅବଷ୍ଟ୍ରକ୍ସନ୍ କାରଣରୁ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। କ୍ୟାପଟେନ୍ ହରମନ୍‌ପ୍ରୀତ୍‌ଙ୍କ ପ୍ରଥମ ଡ୍ରାଗ୍-ଫ୍ଲିକ୍‌କୁ ଗୋଲ୍‌କିପର୍ ରୋକି ଦେଇଥିଲେ। ଦ୍ୱିତୀୟ ଶଟ୍ ମଧ୍ୟ ବ୍ଲକ୍ ହୋଇଥିଲା। ମାତ୍ର ତୃତୀୟ ଅବସରରେ ହରମନ୍‌ପ୍ରୀତ୍ ଜୋରଦାର ରକେଟ୍ ଡ୍ରାଗ୍‌ଫ୍ଲିକ୍ ଲଗାଇ ଗୋଲ୍ ସ୍କୋର୍ କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର ଜାପାନକୁ ଭେଟିବ।

## ରାଜକଓଁର୍‌ଙ୍କୁ ସେଣ୍ଟର୍ ଫାୟର୍ ପିସ୍ତଲ୍ ସ୍ୱର୍ଣ୍ଣ

ଶିମ୍‌କେଣ୍ଟ: ଆୟୋଜିତ ୧୬ଶ ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ର ଅନ୍ତିମ ଦିନରେ ଶୁକ୍ରବାର ଭାରତୀୟ ଶୁଟର୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯୁବ ଶୁଟର୍ ରାଜକଓଁର୍ ସିଂହ ସନ୍ଧୁ ୨୫ ମିଟର ସେଣ୍ଟର୍ ଫାୟର୍ ପିସ୍ତଲ୍ ଇଭେଣ୍ଟ୍‌ରେ ୫୮୩ ସ୍କୋର୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଅଙ୍କୁର ମିତ୍ତଲ ଡବଲ୍ ଟ୍ରାପ୍‌ରେ ପ୍ରଥମ ହୋଇଛନ୍ତି। ସେହିପରି ମହିଳା ଡବଲ୍ ଟ୍ରାପ୍‌ରେ ଭାରତ କ୍ଲିନ୍ ସ୍ୱିପ୍ କରିଛି। ଅନୁଷ୍କା ଭାଟୀ (୯୩), ପ୍ରଶିଳ ଇଙ୍ଗଲେ (୮୯) ଏବଂ ହାଫିଜ୍ କଣ୍ଟ୍ରାକ୍ଟର (୮୭) ବ୍ୟକ୍ତିଗତ ଇଭେଣ୍ଟ୍‌ର ଶୀର୍ଷ ତିନିଟି ସ୍ଥାନ ହାସଲ କରିଛନ୍ତି। ସେହିପରି ଏହି ତ୍ରିମୂର୍ତ୍ତି ୨୬୯ର ମୋଟ ସ୍କୋର୍ ସହ ଟିମ୍ ସ୍ୱର୍ଣ୍ଣ ମଧ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ସେନାର ଗୁରପ୍ରୀତ୍ ସିଂହ ଟିମ୍ ଇଭେଣ୍ଟ୍‌ରେ ସନ୍ଧୁ (୫୮୩) ଏବଂ ଅଙ୍କୁର୍ (୫୭୧)ଙ୍କ ସହ ମିଶି ମୋଟ ୧୭୩୩ ସ୍କୋର୍ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଏହା ସହିତ ୧୮୨ ଜଣିଆ ଭାରତୀୟ ଦଳ ୫୦ ସ୍ୱର୍ଣ୍ଣ, ୨୬ ରୌପ୍ୟ ଏବଂ ୨୨ ବ୍ରୋଞ୍ଜ୍ ସମେତ ମୋଟ ୯୯ ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଏହା ମଧ୍ୟରେ ୫୫ ପଦକ ବ୍ୟକ୍ତିଗତ ଇଭେଣ୍ଟ୍‌ରୁ ଏବଂ ବାକି ଟିମ୍ ଏବଂ ମିକ୍ସଡ୍ ଇଭେଣ୍ଟ୍‌ରୁ ଆସିଛି। ଆୟୋଜକ କଜାଖସ୍ତାନ ୨୧ ସ୍ୱର୍ଣ୍ଣ, ୨୪ ରୌପ୍ୟ ଏବଂ ୨୫ ବ୍ରୋଞ୍ଜ୍ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଚୀନ୍ ୧୫ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୫ ବ୍ରୋଞ୍ଜ୍ ପଦକ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ କୋରିଆ ୧୨ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୨ ବ୍ରୋଞ୍ଜ୍ ପଦକ ସହ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**